ବର୍ଷ-୨୬, ସଂଖ୍ୟା-୧୭୯
ଭୁବନେଶ୍ୱର
୫, ଜୁଲାଇ, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 179
Bhubaneswar
5, July, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା

## ସମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ସଜାଗ

**ଭୁବନେଶ୍ୱର,୪।୭(ମହାଭାରତ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ଥିବା ସୁଦୃଢ଼ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟରେ ବ୍ୟାପକ ବର୍ଷା ଜାରି ରହିଥିବାବେଳେ ରାଜ୍ୟ ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଅଧୀନସ୍ଥ ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଂଟର୍ ସମସ୍ତ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ୨୪ ଘଣ୍ଟିଆ ପରିସ୍ଥିତିର ନିରୀକ୍ଷଣ କରୁଛି।



ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଏବଂ କେତେକ ସ୍ଥାନରେ ଅତ୍ୟଧିକ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସମ୍ବଲପୁର, ଅନୁଗୁଳ, ବୌଦ୍ଧ, ସୁବର୍ଣ୍ଣପୁର ଓ କନ୍ଧମାଳ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଗତ ୨୪ ଘଂଟାରେ ଅର୍ଥାତ୍ ଜୁଲାଇ ୪ ତାରିଖ ସକାଳ ୮ଟା ୩୦ ସୁଦ୍ଧା ରାଜ୍ୟରେ ହାରାହାରି ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ହୋଇଛି। ରାଜ୍ୟର ୬ଟି ବ୍ଲକରେ ୧୦୦ ମିଲିମିଟରରୁ ଅଧିକ ଏବଂ ୩୮ଟି ବ୍ଲକ ସହ ୩ଟି ସହରାଞ୍ଚଳର ୪ଟି କେନ୍ଦ୍ରରେ ୫୦ରୁ ୧୦୦ ମିଲିମିଟର ମଧ୍ୟରେ ବର୍ଷା ରେକର୍ଡ ହୋଇଛି। ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୯୪.୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଏହା ସ୍ୱାଭାବିକ ହାର ୪୩.୭ ମିଲିମିଟର ତୁଳନାରେ ୧୧୫.୮ ପ୍ରତିଶତ ଅଧିକ ରହିଛି।

ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ସତର୍କ ସ୍ତରରୁ ତଳେ ପ୍ରବାହିତ ହେଉଛନ୍ତି ଏବଂ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ରେଡ୍, ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ସମସ୍ତ ଜିଲ୍ଲାରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ଭାବେ ଜଳବନ୍ଦୀ, ତଳିଆ ଅଂଚଳରେ ଜଳଜମା, ସହରାଂଚଳର ଅଣ୍ଡରପାସ୍ ବନ୍ଦ, କଚ୍ଚା ରାସ୍ତା ଓ ଦୁର୍ବଳ ସଂରଚନାର କ୍ଷୟକ୍ଷତି, ଫସଲର ସମ୍ଭାବ୍ୟ କ୍ଷତିକୁ ଦୃଷ୍ଟିରେ ରଖି ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ କୁହାଯାଇଛି। ସେହିପରି ବଜ୍ରପାତ ସମୟରେ ସୁରକ୍ଷିତ ସ୍ଥାନରେ ରହିବା, ପାଣିପାଗ ସମ୍ବନ୍ଧୀୟ ସରକାରୀ ସୂଚନା ଉପରେ ନଜର ରଖିବା ଏବଂ ସମସ୍ତ ପରାମର୍ଶକୁ ପାଳନ କରିବା ପାଇଁ ଲୋକମାନଙ୍କୁ ଅନୁରୋଧ କରାଯାଇଛି। ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରିବା ପାଇଁ ନଯିବାକୁ ପରାମର୍ଶ ଦିଆଯାଇଛି।

ଷ୍ଟେଟ୍ ଇମର୍ଜେନ୍ସି ଅପରେସନ୍ ସେଂଟର୍ ସମସ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତି ଉପରେ ସତତ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସାମଗ୍ରିକ ପରିସ୍ଥିତି ସ୍ୱାଭାବିକ ରହିଛି ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି।

## ଡ୍ରେନ୍‌ରେ ଭାସି ଗଲେ ଯୁବକ



**ଭୁବନେଶ୍ୱର,୪।୭(ମହାଭାରତ):** ବର୍ଷା ଆସୁ ଆସୁ ରାଜଧାନୀ ଭୁବନେଶ୍ୱରରେ ଅଘଟଣ। ବାଣୀବିହାର ଡ୍ରେନରେ ଭାସି ଜଣେ ଯୁବକ ନିଖୋଜ। ପ୍ରବଳ ସ୍ରୋତରେ ସ୍ଥାନୀୟ ଜଣେ ଯୁବକ ଭାସି ଯାଇ ନିଖୋଜ ଥିବା ଜଣାପଡ଼ିଛି। ଅଗ୍ନିଶମ କର୍ମଚାରୀ ଓ ପୁଲିସ ପକ୍ଷରୁ ଖୋଜାଖୋଜି କରାଯାଉଛି। ନିଖୋଜ ବ୍ୟକ୍ତିଙ୍କ ନାଁ ଅନୀଲ। ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲାରେ। ବାଣୀବିହାର ନିକଟ ପଥରବନ୍ଧ ବସ୍ତିରେ ରହୁଥିବା ୩୫ ବର୍ଷୀୟ ଅନୀଲ ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ପ୍ଲାଷ୍ଟିକ ସଂଗ୍ରହ ପାଇଁ ପାଣିକୁ ପଶୁଥିବା ବେଳେ ଏ ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ଖବର ମିଳିବା ମାତ୍ରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ପୁଲିସ ଓ ଅଗ୍ନିଶମ ବାହିନୀ ଟିମ୍। ଆରମ୍ଭ ହୋଇଥିଲା ସର୍ଚ୍ଚ ଅପରେସନ୍। ପ୍ରବଳ ବର୍ଷା ଭିତରେ ଘଣ୍ଟା ଘଣ୍ଟା ଧରି ଖୋଜାଖୋଜି ପରେ ମଧ୍ୟ ବି ଅନୀଲଙ୍କର କୌଣସି ପତ୍ତା ମିଳିନି। ବର୍ଷାଦିନ ଆରମ୍ଭରୁ ରାଜଧାନୀରେ ଡ୍ରେନରେ ଜଣେ ଯୁବକ ଭାସିଯିବା ଖବର ପାଇ ଘଟଣାସ୍ଥଳକୁ ଛୁଟିଥିଲା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ସୁଅ। ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଓ  ବିଏମସି କମିଶନର ଚଞ୍ଚଳ ରଣା ପ୍ରମୁଖ ପହଞ୍ଚି ସର୍ଚ୍ଚ ଅପରେସନ କାର୍ଯ୍ୟର ତଦାରଖ କରିଥିଲେ। ରାଜଧାନରେ ଡ୍ରେନ୍ ଟ୍ରାଜେଡି କିଛି ନୂଆ ନୁହେଁ। ପୂର୍ବରୁ ୨୦୨୪ ଜୁନରେ ୟୁନିଟ୍ ୩ ଅଞ୍ଚଳରେ ଅବୁ ବକର ସାହା ନାମକ ଜଣେ ୬ ବର୍ଷର ବାଳକ ଡ୍ରେନରେ ବୁଡି ପ୍ରାଣ ହରାଇଥିଲେ। ସେହିଭଳି ୨୦୨୧ ସେପ୍ଟେମ୍ବରରେ ବରମୁଣ୍ଡା ଶତାବ୍ଦୀ ନଗରରେ ଜଣେ ୧୦ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଥିଲା। ୨୦୧୫ରେ ନୟାପଲ୍ଲୀ ବ୍ରିଟ୍ କଲୋନୀର ଜଣେ ୯ ବର୍ଷର ବାଳକ ମଧ୍ୟ ମୁକୁଳା ଡ୍ରେନରେ ଖସିଯିବାରୁ ତାର ମୃତ୍ୟୁ ହୋଇଥିଲା।

## ପଂଚସଖା ଶିକ୍ଷା ସେତୁ କାର୍ଯ୍ୟନିର୍ବାହୀ ବୈଠକ

**ଭୁବନେଶ୍ୱର,୪।୭(ମହାଭାରତ):** ପଂଚସଖା ଶିକ୍ଷା ସେତୁ ସଂଗଠନର ଚତୁର୍ଥ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ୨୩ଟି ଜିଲ୍ଲାର ବିଭିନ୍ନ ସ୍କୁଲରେ ଭିତିଭୂମିର ବିକାଶ ପାଇଁ ୭.୨୯ କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ନିମନ୍ତେ ମଞ୍ଜୁର ଦିଆଯାଇଛି । ପ୍ରାୟ ସାଢେ ୪ ହଜାରରୁ ଅଧିକ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ଅନୁଷ୍ଠାନ ବିଦ୍ୟାଳୟର ଉନ୍ନତି ନିମନ୍ତେ ଏହି ଅର୍ଥ ଅବଦାନ ଦେଇଛନ୍ତି । ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ବୈଠକରେ ଅଧ୍ୟକ୍ଷତା କରିଥିଲେ । ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସଂଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ପଂଚସଖା ଶିକ୍ଷା ସେତୁ ଅଧୀନରେ ଅନେକ ନୂତନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ସମ୍ପ୍ରଦାୟ ପ୍ରାୟ ୨ କୋଟି ୪୩ ଲକ୍ଷ ୨୫ ହଜାର ୬୬୯ ଟଙ୍କାର ଆର୍ଥିକ ଅବଦାନ ଦେଇଛନ୍ତି । ସେମାନଙ୍କ ଅବଦାନରେ ପଂଚସଖା ଶିକ୍ଷା ସେତୁ ପକ୍ଷରୁ ଦୁଇଗୁଣା ଅନୁଦାନ ମିଶାଇ ମୋଟ ୭ କୋଟି ୨୯ ଲକ୍ଷ ୭୭ ହଜାର ୭ ଟଙ୍କାର ୬୦୯ ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ଆର୍ଥିକ ଅବଦାନ ଆସିଛି । ପିଏମ୍ ଶ୍ରୀ ବିଦ୍ୟାଳୟ ଗୁଡିକରେ ଆର୍ଥିକ ସାକ୍ଷରତା ପାଠ ଛାତ୍ରଛାତ୍ରୀଙ୍କୁ ପଢାଯିବ ।ଏହି ବୈଠକରେ ପଂଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀ ଦୁର୍ଗାପ୍ରସାଦ ମହାପାତ୍ର, ବିତ୍ତ ଉପଦେଷ୍ଟା ତଥା ସ୍ୱତନ୍ତ୍ର ସଚିବ ଶ୍ରୀ ଶିବାଶିଷ ଧଳ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶିକା ଶ୍ରୀମତୀ ବିନିତା ସେନାପତି, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ଚନ୍ଦ୍ରାଣି ନାୟକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକା ଶ୍ରୀମତୀ ନିବେଦିତା ରାଏଉପସ୍ଥିତ ଥିଲେ ।

## ଅଜଣା ଗାଡ଼ି ଧକ୍କାରେ ୩ ମୃତ

**ଭୁବନେଶ୍ୱର,୪।୭(ମହାଭାରତ):** ବାଲିଗୁଡ଼ାରେ ଅଜଣା ଗାଡ଼ି ଧକ୍କାରେ ୩ ମୃତ । ବାଲିଗୁଡ଼ା ଥାନା ମହାସିଂଙ୍ଗ ପୋଲ ଉପରେ ବିଳମ୍ବିତ ରାତିରେ ଘଟିଛି ଘଟଣା । ମହାସିଂଙ୍ଗ ପୋଲ ଉପରେ ବାଇକକୁ ଧକ୍କା ଦେଇ ଘଟଣା ସ୍ଥଳରୁ ଅଜଣା ଗାଡ଼ି ଫେରାର ହୋଇଯାଇଛି ।

ଘଟଣା ସ୍ଥଳରେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଓ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୨ମୃତ୍ୟୁବରଣ କରିଥିବା ବାଲିଗୁଡ଼ା ପୋଲିସ ସୂଚନା ଦେଇଛି। ଦୁଘଟଣା ଘଟିବା ପରେ ମହସିଙ୍ଗି ଗ୍ରାମବାସୀ ବାଲିଗୁଡ଼ା ପୋଲିସକୁ ସୂଚନା ଦେଇଥିଲେ ଓ ତାପରେ ବାଲିଗୁଡ଼ା ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥଲେ।

ଜଣଙ୍କର ପରିଚୟ ମିଳିଥିବା ଅନ୍ୟ ଦୁଇ ମୃତକଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ ପରିଚୟ ମିଳିପାରିନାହିଁ । ଘଟଣା ସ୍ଥଳରେ ବାଲିଗୁଡ଼ା ପୋଲିସ ତଦନ୍ତ ଆରମ୍ଭ କରିଛି ଓ ଶବ ବ୍ୟବଚ୍ଛେଦ ଗୃହରେ ତିନି ମୃତଦେହକୁ ରଖାଯାଇଛି।

## ରଥଯାତ୍ରାରେ ନିୟୋଜିତ ହେବେ ୨୧ ହଜାର ପୋଲିସ

**ଭୁବନେଶ୍ୱର,୪।୭(ମହାଭାରତ):** ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ପୁରୀସ୍ଥିତ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ପରିସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସେମାନଙ୍କ ସୁରକ୍ଷା ଉପରେ ଏହି ବୈଠକରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଛି।

ଏହି ରଥଯାତ୍ରାକୁ ଅଘଟଣ ମୁକ୍ତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ରଥଯାତ୍ରା ଡ୍ୟୁଟି ପାଇଁ ପ୍ରାୟ ୧୨,୦୦୦ ପୋଲିସ କର୍ମଚାରୀ, ଟ୍ରାଫିକ କନଷ୍ଟେବଳ ଓ ୧୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ, ସିଆରପିଏଫ ଏବଂ ବିଏସଫ ମୁତୟନ ରହି ସୁରକ୍ଷା ଦାୟିତ୍ୱ ତୁଲାଇବେ। ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୫୦ ପ୍ଲାଟୁନ ଓଏସଏପି ,ଆଇଆରବିଏନ ,ଏପିଆର ଏବଂ ଟ୍ରାଫିକ ଫୋର୍ସ ମୁତୟନ କରାଯିବ। ସହରର ବିଭିନ୍ନ ସ୍ଥାନରେ ୩,୦୦୦ ହୋମଗାର୍ଡଙ୍କୁ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ ତଥା ଟ୍ରାଫିକ ଓ ପାର୍କିଂ ରେ ପୋଲିସକୁ ସହଯୋଗ କରିବେ ।



ବୈଠକରେ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ରଥ ଯାତ୍ରା ସମୟ ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଯେଉଁ ପ୍ରତିକୂଳ ପରିବେଶ ସୃଷ୍ଟି ହେବ, ତା ପ୍ରତି ସଜାଗ ରହି ଆଗୁଆ ପଦକ୍ଷେପ ନେଇ ରଥ ଯାତ୍ରାକୁ ସୁସଂଗଠିତ କରିବାକୁ ପଡିବ। ଭକ୍ତମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସୁରୁଖୁରୁରେ ପୁରୀରେ ପହଞ୍ଚି, ଭଲରେ ମହାପ୍ରଭୁଙ୍କ ଦର୍ଶନ ସାରି ସୁରକ୍ଷିତ ଭାବେ ନିଜ ନିଜ ଘରକୁ ଫେରି ପାରିବେ, ତାହା ଉପରେ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ବାହାରୁ ଆସୁଥିବା ପୋଲିସ ଫୋର୍ସ ମାନଙ୍କ ରହଣି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ ହୋଇଛି। ଜନସାଧାରଣଙ୍କ ସହଯୋଗରେ ୨୦୨୬ ରଥଯାତ୍ରା ଅତ୍ୟନ୍ତ ସଫଳତାର ସହ ସମ୍ପାଦିତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଜନସାଧାରଣଙ୍କୁ ନିବେଦନ କରି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ଯେ, ଶ୍ରଦ୍ଧାଳୁମାନେ ପୁରୀ ଅଭିମୁଖେ ବାହାରିବା ସମୟରେ ଓଡ଼ିଶା ପୋଲିସର ଅଫିସିଆଲ୍ ପୋର୍ଟାଲ୍ ଏବଂ ଟ୍ରାଫିକ ପରିଚାଳନା ପାଇଁ ସମୟ ସମୟରେ ଜାରି ହେଉଥିବା ବିଭିନ୍ନ 'ଟ୍ରାଫିକ ଆଡଭାଇଜରୀ' କୁ ଧ୍ୟାନ ଦେବା ଉଚିତ୍। ପୋର୍ଟାଲ ଜରିଆରେ ଦିଆଯାଉଥିବା ସମସ୍ତ ପରାମର୍ଶ ଓ ନିୟମକୁ ସଠିକ୍ ଭାବେ ପାଳନ କରି ଯାତ୍ରା କଲେ ଟ୍ରାଫିକ ସମସ୍ୟା ଏଡ଼ାଯାଇପାରିବ।

ଏହି ସମୀକ୍ଷା ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, ଆଇଜିପି (ଟ୍ରେନିଂ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡଙ୍ଗୀ, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ଏସଟିଏଫ) ତ୍ କନୱର ବିଶାଳ ସିଂ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (କାର୍ମିକ)ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧର, ଡିଆଇଜି ଆଶିଷ ସିଂହ, ଏସପି (ପୁରୀ) ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ଓ ଏହାସହ ଆଭାସୀ ମାଧ୍ୟମରେ ଆଇଜିପି (ଉତ୍ତର-କେନ୍ଦ୍ରାଞ୍ଚଳ) ସତ୍ୟବ୍ରତ ଭୋଇ, ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର ପ୍ରମୁଖ ଯୋଗ ଦେଇ ସେମାନଙ୍କ ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ।

## ବିଭାଗୀୟ ମାମଲା ପରିଚାଳନାରେ ସହକାରୀ ନିର୍ଦ୍ଦେଶକ ବିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୪।୭(ମହାଭାରତ):** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଆଇନ ବିଭାଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ନୂଆ ଆଇନ ପ୍ରଣୟନଠାରୁ ଆରମ୍ଭ କରି ପୁରୁଣା ଆଇନରେ ଆବଶ୍ୟକ ସଂଶୋଧନ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କ୍ଷେତ୍ରରେ ଆଇନ ବିଭାଗ ସବୁବେଳେ କାର୍ଯ୍ୟକରି ଆସିଛି । ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକରେ ପଡ଼ି ରହିଥିବା ମାମଲାର ସଠିକ୍ ପରିଚାଳନା ଏବଂ ଆଇନଗତ ପରାମର୍ଶ ଦେବା କ୍ଷେତ୍ରରେ ସହକାରୀ ନିର୍ଦ୍ଦେଶକ ବିଧି(ଏ.ଡି.ଏଲ୍.)ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।




ଶନିବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଅନୁଷ୍ଠିତ ଏ.ଡି.ଏଲ୍.ଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗରେ ଥିବା ମାମଲାଗୁଡ଼ିକର ସ୍ଥିତି ଓ ଅଗ୍ରଗତି ବିଷୟରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଚାରି ବୁଝିଥିଲେ । ଏଥି ସହିତ ବିଭିନ୍ନ ମାମଲାଗୁଡ଼ିକୁ ପରିଚାଳନା କରିବା ଏବଂ ବିଭାଗକୁ ସଠିକ୍ ଆଇନଗତ ପରାମର୍ଶ ଦେବାରେ ଏଡିଏଲ୍‌ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପଡ଼ି ରହିଥିବା ମାମଲାର ତ୍ୱରିତ ସମାଧାନ ଏବଂ ମଧ୍ୟସ୍ଥତା ଆଇନର ସଠିକ୍ ଉପଯୋଗ କ୍ଷେତ୍ରରେ ଆଇନ ବିଭାଗ ଓ ସମ୍ପୃକ୍ତ ବିଭାଗ ମଧ୍ୟରେ ଏ. ଡି. ଏଲ. ମାନେ ସେତୁ ଭଳି କାର୍ଯ୍ୟ କରିପାରିବେ। ବର୍ତ୍ତମାନ ସମୟରେ ଏଡିଏଲ୍ ?ମାନଙ୍କ ଗୁରୁତ୍ୱ ବେଶ୍ ବୃଦ୍ଧି ପାଇଛି । ତେଣୁ ନିଜର ଦକ୍ଷତା ବୃଦ୍ଧି କରି ସମୟୋପଯୋଗୀ ହେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ନୂତନ ନିଯୁକ୍ତି ଏବଂ କ୍ୟାଡର ପୁନର୍ଗଠନ ସହ ଲିଟିଗେସନ୍ ମ୍ୟାନେଜ୍‌ମେଂଟ ପଲିସି ପ୍ରଣୟନ ଓ ମାମଲାଗୁଡ଼ିକର ସଠିକ ପରିଚାଳନା ପାଇଁ ଏସ୍‌ଓପି ଜାରିନେଇ ସରକାର ଚିନ୍ତା କରୁଥିବା ନେଇ ସେ କହିଥିଲେ । ଏହି ଅବସରରେ ୨୦୨୫-୨୬ ବର୍ଷର ଆଚିଭ୍‌ମେଂଟ ରିପୋର୍ଟ ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ ।

## ଉପରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ମୁଖ୍ୟ ସଚିବଙ୍କ ସମୀକ୍ଷା

**ଭୁବନେଶ୍ୱର,୪।୭ (ମହାଭାରତ):** ଭାରତର ଉପରାଷ୍ଟ୍ରପତିଙ୍କ ୯ ଜୁଲାଇରେ ଓଡ଼ିଶା ଗସ୍ତକୁ ସଫଳ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା, ପ୍ରୋଟୋକଲ, ଯାତାୟତ, ଚିକିତ୍ସା, ମୌଳିକ ସୁବିଧା, ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା।



ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପରାଷ୍ଟ୍ରପତି ସେଦିନ ଭୁବନେଶ୍ୱର କୃଷି ଶିକ୍ଷା ସଦନ ଠାରେ 'ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଯୋଗଦେବେ। ଏହାସହ ସେ ଖୋର୍ଦ୍ଧା ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ(ନାଇଜର) ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ବୈଠକରେ ଉପରାଷ୍ଟ୍ରପତିଙ୍କ ସମଗ୍ର ଗସ୍ତ ସମୟରେ ସର୍ବୋଚ୍ଚ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା, ଗସ୍ତସ୍ଥଳ ନିରବଚ୍ଛିନ୍ନ ବିଦ୍ୟୁତ, ପାନୀୟଜଳ, ଅଗ୍ନି ନିର୍ବାପନ, ସ୍ୱଚ୍ଛତା, ସଡ଼କ ମରାମତି, ଚିକିତ୍ସା ସେବା, ଆମ୍ବୁଲାନ୍ସ, ଯାନବାହନ ବ୍ୟବସ୍ଥା ସମ୍ପର୍କିତ ସମସ୍ତ ବ୍ୟବସ୍ଥାକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଂପୃକ୍ତ ବିଭାଗମାନଙ୍କୁ  ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ୟବସ୍ଥାରେ ବିଭାଗଗୁଡ଼ିକ ମଧ୍ୟରେ ନିବିଡ଼ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରସ୍ତୁତି ସମାପ୍ତ କରିବା ନିମନ୍ତେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ  ୱାଇ. ବି. ଖୁରାନିଆ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ  ଏନ୍. ତିରୁମାଳା ନାୟକ, ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



## ····· ପରଦା ଖବର ······

# ଦ୍ୱିତୀୟ ଥର ପାଇଁ ବାପା ହେଲେ ସିଙ୍ଗର ମହମ୍ମଦ ଦାନିଶ





ଇଣ୍ଡିଆନ୍ ଆଇଡଲ୍ ୧୨ ର ଫାଇନାଲିଷ୍ଟ ମହମ୍ମଦ ଦାନିଶଙ୍କ ଘରେ ଖୁସିର ମାହୋଲ ରହିଛି । ୨୦୨୪ରେ ପ୍ରଥମ ସନ୍ତାନ ହେବା ପରେ ୨୦୨୬ରେ ଦ୍ୱିତୀୟ ଥର ପାଇଁ ପୁଣି ବାପା ହୋଇଛନ୍ତି । ଏଥର ସେ ଏକ ଶିଶୁ କନ୍ୟା ସନ୍ତାନକୁ ଘରକୁ ସ୍ୱାଗତ କରିଛନ୍ତି ।ଦାନିଶ ଏହି ଖୁସି ଖବରକୁ ସୋସିଆଲ୍ ମିଡିଆରେ ସେୟାର କରିଛନ୍ତି । ଏଥିସହ ସେ ତାଙ୍କ ଝିଅର ଏକ ସୁନ୍ଦର ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି । ଏହି ଭିଡିଓରେ ସେ ତାଙ୍କ ନବଜାତ କନ୍ୟାର କାନରେ ଆଜାନ ପଢୁଥିବା ଦେଖିବାକୁ ମିଳିଛି ।ଏହି ଭିଡିଓ ପୋଷ୍ଟ କରିବା ସହ ସେ ଲେଖିଛନ୍ତି ଯେ, ଆମର ଛୋଟ ରାଜକୁମାରୀ ଆସିଗଲା। ଅଲ୍ଲାହଙ୍କ ଏହି ଅମୂଲ୍ୟ ଉପହାର ପାଇଁ ଅଲହାମଦୁଲିଲ୍ଲାହ । ଏହି ପୋଷ୍ଟ ସେୟାର ହେବା ପରେ ତାଙ୍କ ଫ୍ୟାନ୍ସ ଓ ଅନେକ ସେଲିବ୍ରିଟି ଶୁଭେଚ୍ଛା ଜଣାଇଛନ୍ତି । ବର୍ତ୍ତମାନ ମହମ୍ମଦ ଦାନିଶ ଓ ତାଙ୍କ ପତ୍ନୀ ଫରହିନ୍ ଆଫ୍ରିଦି ଜଣେ ପୁଅ ଓ ଜଣେ ଝିଅର ମାତା-ପିତା ହୋଇଛନ୍ତି । ସେମାନଙ୍କର ଏହି ଭିଡିଓକୁ ଲୋକେ ବହୁତ ପସନ୍ଦ କରୁଛନ୍ତି ।ମହମ୍ମଦ ଦାନିଶ ଜଣେ ପରିଚିତ ଭାରତୀୟ ପ୍ଲେବ୍ୟାକ୍ ଗାୟକ ଓ ସଙ୍ଗୀତକାର। ସେ ନିଜର ସୁଫି ଗୀତ ଓ ଦମଦାର ଷ୍ଟେଜ୍ ପରଫର୍ମାନ୍ସ ପାଇଁ ପ୍ରସିଦ୍ଧ । ସେ ପ୍ରଥମେ ଭଏସ୍ ର ଦ୍ୱିତୀୟ ସିଜନରେ ନଜର ଆସିଥିଲେ ।କିନ୍ତୁ ଇଣ୍ଡିଆନ୍ ଆଇଡଲ୍ ୧୨ ତାଙ୍କୁ ସବୁଠାରୁ ଅଧିକ ପରିଚୟ ଦେଇଥିଲା ।ସେ ସେହି ସିଜନର ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚି ଚତୁର୍ଥ ସ୍ଥାନ ହାସଲ କରିଥିଲେ ।ଦାନିଶଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କହିଲେ, ସେ ଫରହିନ୍ ଆଫ୍ରିଦିଙ୍କୁ ବିବାହ କରିଛନ୍ତି । ଦୁହେଁଙ୍କ ବିବାହ ୨୭ ଏପ୍ରିଲ୍ ୨୦୨୪ରେ ପାରିବାରିକ ସମ୍ମତିରେ ହୋଇଥିଲା । ବର୍ତ୍ତମାନ ଏହି ଦମ୍ପତି ଜଣେ ପୁଅ ଓ ଜଣେ ଝିଅର ମାତା-ପିତା ହୋଇଛନ୍ତି । ସେମାନଙ୍କ ବିବାହ ଉତ୍ସବରେ ସୋନୁ ନିଗମ, ରାଖୀ ସାୱନ୍ତ, ପଲକ ମୁଚ୍ଛଲ ଓ ଜାଭେଦ ଅଲିଙ୍କ ପରି ଅନେକ ଚର୍ଚ୍ଚିତ ବ୍ୟକ୍ତି ଯୋଗ ଦେଇଥିଲେ ।

## କ୍ଷମାର ମହିମା



ଭାରତୀୟ ସଂସ୍କୃତି, ଧର୍ମ ବିଶ୍ୱାସ ଓ ସାମାଜିକ ବିଧି ଅନୁସାରେ ଆଲାକପାତ କଲେ ବଳିଦାନ, ରକ୍ତପାତ, ଦାନ ଓ କୁର୍‌ବାନିର ମୂଲ୍ୟ ଅତି ଗଭୀର । ଏହା ଏକ ଅସାଧାରଣ ବିଷୟ । ଆତ୍ମବଳିଦାନ ସମସ୍ତ ପକ୍ଷରେ ସାଧ୍ୟ ନୁହେଁ । କେବଳ ଈଶ୍ୱରଙ୍କ ଈଶ୍ୱରୀୟ ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଏହା କରିପାରନ୍ତି । ପ୍ରାୟ ୨୦୦୦ ରୁ ଅଧିକ ବର୍ଷ ତଳେ ଏହା ଥିଲା ସଂପୂର୍ଣ୍ଣ ଶେଷ ବଳିଦାନ । ଯେକୌଣସି ବ୍ୟକ୍ତି ମୃତ୍ୟୁ ଭୋଗ କରିବା ସମୟରେ କହିଥିବା ଶେଷ ବାଣୀକୁ ଗୁରୁତ୍ୱ ଦିଆଯାଇଥାଏ । "ହେ ପିତାଃ ଏମାନଙ୍କୁ କ୍ଷମା କର କାରଣ ସେମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ ।" କ୍ରୁଶୀୟ ବଳିଦାନ ସମୟରେ ଏହା ଥିଲା ଯୀଶୁଙ୍କ ବାଣୀ । ଏହା ଥିଲା କ୍ଷମାର ବାଣୀ ଓ ଆଜି ମଧ୍ୟ ପ୍ରଭୁ ଯୀଶୁଙ୍କ କ୍ଷମାଗୁଣ ସମସ୍ତଙ୍କ ପାଇଁ ଅତୁଟ ରହିଛି । ପ୍ରଭୁ ଯୀଶୁ ପିତା ଈଶ୍ୱରଙ୍କ ନିକଟରେ ସମସ୍ତଙ୍କ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ଏହା ଏକ ବିଚିତ୍ର ପ୍ରାର୍ଥନା ଥିଲା । କ୍ଷମା ଏକ ଅସାଧାରଣ ବିଷୟ । କ୍ଷମା କରିବା ସହଜସାପେକ୍ଷ ନୁହେଁ;କିନ୍ତୁ ଏହା ସମ୍ଭବ । ଏଠାରେ ପ୍ରଭୁ ଯୀଶୁ ମନୁଷ୍ୟ ସମାଜ ପାଇଁ ଏକ କ୍ଷମାର ନମୁନା ଦେଖାଇଛନ୍ତି । କ୍ଷମା କରି ଶତ୍ରୁକୁ ଜୟ କରାଯାଏ । କ୍ଷମା କରି ଶାନ୍ତି ବଜାୟ ରଖାଯାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ କ୍ଷମା ଏକ ନୂତନ ସଂସାର ଫେରାଇ ଆଣେ। ପରିବାର, ସମାଜ, ଦେଶରେ ଅଜିର ଜରୁରୀ ହେଉଛି 'କ୍ଷମା' । ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ପ୍ରେରଣ କରିଥିଲେ; ତେଣୁ ଯେ କେହି ଯିଶୁଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ ।

# ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ଅଳସୀ



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ । ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢିଯାଏ । ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ । ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ ।

ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ । ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍ । ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ । ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ । ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ । ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍ । ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ ।

ଅଳସୀ ପୋଟାସିୟମ, ଓମେଗା ୩,ଫାଇବର ଭରପୂର ମାତ୍ରାରେ ରହିଥାଏ । ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ । ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ । ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର । ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ । ଯାହା ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ ।

# ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ ଉଚ୍ଚ ସ୍ଥାନରେ ରହିଲେ ମଧ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

## ଶରୀର ପାଇଁ ଲାଭଦାୟକ ହୋଇଥାଏ କିୱି

ଗ୍ରୀଷ୍ମ ଋତୁରେ ଖାଇବା-ପିଇବାର ବିଶେଷ ଧ୍ୟାନ ରଖିବା ଉଚିତ । ଯାହା ଦ୍ୱାରା ଡିହାଇଡ୍ରେସନ୍ କିମ୍ବା ଅନ୍ୟାନ ରୋଗକୁ ରୋକାଯାଇ ପାରିବ । ସେଥିଲାଗି ପ୍ରତ୍ୟେକ ଦିନ



ଖାଦ୍ୟରେ କିୱି ସାମିଲ୍ କରିବା ବେଷ୍ଟ ଅପସନ୍ ହେବ। ଏଥିରେ ଭିଟାମିନ୍ ସି ଏବଂ ଇ, ପୋଟାସିୟମ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇମ୍ପଲିମେଣ୍ଟ□ରି ଏବଂ ଔଷଧୀୟ ଗୁଣ ରହିଥାଏ । ତେଣୁ ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଲାଭଦାୟକ ହୋଇଥାଏ। ତେବେ ଚାଲନ୍ତୁ ଜାଣିବା ଏହାର ଅନ୍ୟ ଫାଇଦା ବିଷୟରେ.

ଡେଙ୍ଗୁରୁ ମୁକ୍ତି ଦେଇଥାଏ :ଡେଙ୍ଗୁ ରୋଗୀ କିୱି ଖାଇବା ଦ୍ୱାରା ଶୀଘ୍ର ଆରୋଗ୍ୟ ହୋଇଥାନ୍ତି। ଏହାବ୍ୟତୀତ ରକ୍ତରେ କମୁଥିବା ପ୍ଲେଟଲେଟସ୍‌କୁ ବଢାଇବାରେ ମଧ ସାହାଯ୍ୟ କରିଥାଏ।

ବ୍ଲଡ୍ ପ୍ରେସର୍ କଣ୍ଟ୍ରୋଲ୍ କରିଥାଏ :ବିଶେଷଜ୍ଞଙ୍କ ଅନୁଯାୟୀ, ଲଗାତାର ୮ ସପ୍ତାହ କିୱି ଖାଇବା ଦ୍ୱାରା ଉଚ୍ଚ ରକ୍ତଚପର ସମସ୍ୟା ଦୂର ହୋଇଥାଏ। ହୃତପିଣ୍ଡ ଭଲଭାବରେ କାମ କରିଥାଏ । ଏଥିସହ ଜଡିତ ସମସ୍ୟା ମଧ ଦୂର ହୋଇଥାଏ।

।ହାଟ୍ଆଟାକ୍ ଆଶଂକା ଦୂର କରିଥାଏ :ପ୍ରତ୍ୟେକ ଦିନ ଗୋଟିଏ କିୱି ଖାଇବା ଦ୍ୱାରା ଷ୍ଟ୍ରୋକ୍ ଏବଂ ହାର୍ଟ ଆଟାକ୍ ଆଶଂକା କମ୍ ହୋଇଥାଏ।

ଓଜନ ହ୍ରାସ କରିଥାଏ :ଓଜନ ବଢୁଥିବା ଲୋକମାନଙ୍କୁ ନିଜର ଦୈନନ୍ଦିନ ଖାଦ୍ୟରେ କିୱି ସାମିଲ କରିବା ଉଚିତ। କିୱି ଏକ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ଯୁକ୍ତ ଫଳ । ଏହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ ।

ଗର୍ଭାବସ୍ଥାରେ ରେ ଲାଭଦାୟକ ହୋଇଥାଏ :

ପୁଷ୍ଟିକର ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣରେ ଭରପୁର କିୱି ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ଏଥିରେ ଥିବା ଫୋଲେଟ୍, ଭିଟାମିନ୍ ସି ଶରୀରରେ ଆଇରନ୍ ଅଭାବକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏଥିସହିତ ଗର୍ଭପାତ ହେବାର ଆଶଙ୍କା ମଧ କମ୍ ରହିଥାଏ।

# ବିଧାନସଭାରେ କଫିଟେବୁଲ ବୁକ୍ ଉନ୍ମୋଚିତ

**ଭୁବନେଶ୍ୱର, ୪।୭ (ମହାଭାରତ):** ଓଡ଼ିଶା ବିଧାନ ସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି ମୂଲ୍ୟବାନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଓ ଉପବାଚସ୍ପତି ଶ୍ରୀ ଭବାନୀଶଙ୍କର ଭୋଇଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କଫିଟେବୁଲ ବୁକ 'ପ୍ରିଜାଇଡିଂ ଓ୍ୱିଥ୍ ପରପୋଜ୍ - ଟୁ ଇୟରସ୍ ଲେଜିସଲେଟିଭ୍ ଜର୍ଣ୍ଣି ଅଫ୍ ସ୍ପିକର ସୁରମା ପାଢୀ ' ଏବଂ ' ଟୁ ଇୟରସ୍ ଅଫ୍ ଟ୍ରାନ୍ସଫରମେଟିଭକ ଲିଡରସିପ୍ ଅଣ୍ଡର ସ୍ପିକର ସୁରମା ପାଢୀ ' ଉନ୍ମୋଚନ କରିବା ସହିତ ଗୋଟିଏ ନୂଆ ଫିଜିଓଥେରାପି ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ନେତୃତ୍ୱରେ ବିଗତ ଦୁଇ ବର୍ଷ ଭିତରେ ବିଧାନ ସଭାରେ ଅନେକ ଐତିହାସିକ ଘଟଣା ଘଟି ଯାଇଛି। ଅନେକ ପ୍ରଭାବଶାଳୀ ଆଇନ ପାରିତ ହେବା ସହ ବିଧାନସଭାର ସମସ୍ତ ପ୍ରକ୍ରିୟା ଡିଜିଟାଇଜ କରାଯାଇପାରିଛି ।

ତାଙ୍କର ଜ୍ଞାନ, ଅନୁଭବ ଓ ସଂସଦୀୟ ଗଣତନ୍ତ୍ରର ଗରିମା ପ୍ରତି ତାଙ୍କର ନିଷ୍ଠା ଆମ ଓଡ଼ିଶା ବିଧାନ ସଭାର ଦୁଇ ବର୍ଷର ଇତିହାସକୁ ଆହୁରି ଋଦ୍ଧିମନ୍ତ କରିଛି ବୋଲି ସେ କହିଥିଲେ।

ଆଗାମୀ ଦିନରେ ତାଙ୍କ




ନେତୃତ୍ୱରେ ଓଡ଼ିଶା ବିଧାନସଭା ଏକ ଆଦର୍ଶ ବିଧାନ ସଭା ଭାବରେ ସବୁ ରାଜ୍ୟର ବିଧାନ ସଭା ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଣି କହିଥିଲେ ଯେ ଆଜି ଉନ୍ମୋଚିତ ହୋଇଥିବା ପୁସ୍ତକରେ ବିଧାନ ସଭାର ଦୁଇ ବର୍ଷର କାର୍ଯ୍ୟକଳାପକୁ ନିଖୁଣ ଭାବରେ ଫଟୋଚିତ୍ର ମାଧ୍ୟମରେ ପ୍ରକାଶ କରାଯାଇଛି ଏବଂ ଏହି ଦୁଇଟି ପୁସ୍ତକରେ ବିଧାନ ସଭାର ବିଭିନ୍ନ କାର୍ଯ୍ୟକ୍ରମ ସଠିକ୍ ଭାବେ ଚିତ୍ରଣ କରାଯାଇଛି। ସାଧାରଣ ଜନତା, ବୁଦ୍ଧିଜୀବୀ, ଗବେଷକ, ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣତନ୍ତ୍ର ପ୍ରତି ଆଗ୍ରହ ବଢାଇବା ସହିତ ଆମ ବିଧାନ ସଭାର ଗରିମାକୁ ଏହି ପୁସ୍ତକଦ୍ୱୟ ଆହୁରି ଉଜ୍ଜ୍ୱଳ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ପୁସ୍ତକ ସଂପର୍କରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ବିଗତ ଦୁଇ ବର୍ଷ ମଧ୍ୟରେ ନୂତନ ବିଧାୟକମାନଙ୍କ ପାଇଁ ଆୟୋଜିତ ପ୍ରଶିକ୍ଷଣ ଶିବିର ଓ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀର ସୁନ୍ଦର ଚିତ୍ର ଏଥିରେ ସ୍ଥାନ ପାଇଛି । ମହାମହିମ ରାଷ୍ଟ୍ରପତି ମହୋଦୟାଙ୍କ ଓଡ଼ିଶା ଆଗମନ ଏବଂ ବିଧାନ ସଭାରେ ତାଙ୍କର ପ୍ରଥମ ଅଭିଭାଷଣ ଓଡ଼ିଶାର ସଂସଦୀୟ ଇତିହାସର ଏକ ବିରଳ ଓ ଚିରସ୍ମରଣୀୟ ଘଟଣା । ଏହି ପୁସ୍ତକରେ ସନ୍ନିବେଶିତ ହୋଇଥିବା ତାଙ୍କର ପ୍ରେରଣାଦାୟୀ ଅଭିଭାଷଣର ଫଟୋଚିତ୍ର ସମସ୍ତଙ୍କୁ ନିଶ୍ଚିତ ରୂପେ ଉତ୍ସାହିତ କରିବ । ଆଗାମୀ ଦିନରେ ଏହି ପୁସ୍ତକ ଆମ ଯୁବପିଢ଼ି ଓ ଗବେଷକମାନଙ୍କ ପାଇଁ ଏକ ଅମୂଲ୍ୟ ପୁସ୍ତକ ହେବା ସହିତ ଓଡ଼ିଶା ବିଧାନସଭାର ଯଶ ଓ ଗୌରବକୁ ଏହା ଆହୁରି ଆଗକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବିଧାନ ସଭା ପରିସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନୂଆ ଭାବେ ଆରମ୍ଭ ହୋଇଥିବା ଫିଜିଓଥେରାପି ସେଂଟରରେ କ୍ୟାପିଟାଲ ହସ୍‌ପିଟାଲ ଏବଂ ଏନଆଇଆରଟିଏଆର ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହି ଫିଜିଓଥେରାପି କେନ୍ଦ୍ର ମାଧ୍ୟମରେ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ସେମାନଙ୍କ ସମ୍ପର୍କୀୟ ଏବଂ ଓଡ଼ିଶା ବିଧାନ ସଭା ଅଧିକାରୀ ଓ କର୍ମଚାରୀମାନେ ଉପକୃତ ହେବେ ବୋଲି କହିଛନ୍ତି । ବୟୋଜ୍ୟେଷ୍ଠ ପୂର୍ବତନ ବିଧାୟକମାନେ ଏହା ମାଧ୍ୟମରେ ବହୁଳ ଭାବେ ଉପକୃତ ହେବେ ବୋଲି ସେ ଖୁସି ବ୍ୟକ୍ତ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜ ବକ୍ତବ୍ୟରେ ପୁସ୍ତକ ସଂପର୍କରେ ଅଭିମତ ରଖି କହିଛନ୍ତି ଯେ କଫି ଟେବୁଲ୍ ବୁକ୍ ରେ ବିଗତ ଦୁଇବର୍ଷରେ ବିଧାନସଭାର କାର୍ଯ୍ୟକ୍ରମ ସମ୍ବଳିତ ଫଟୋଚିତ୍ର ସ୍ଥାନ ପାଇଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିଧାୟକଗଣ, ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ଯାଂଚ କମିଟିର ଏସସିବି ପରିଦର୍ଶନ

**ଭୁବନେଶ୍ୱର, ୪।୭ (ମହାଭାରତ):** ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରୁ ଜଣେ ରୋଗୀଙ୍କ ଅନ୍ତର୍ଦ୍ଧାନ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ଓ ପ୍ରକୃତ ତଥ୍ୟ ସଂଗ୍ରହ କରିବା ନିମନ୍ତେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ଶିବାନନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ସୋମବାର ଏସସିବି ମେଡିକାଲ ପରିଦର୍ଶନ କରିଥିଲା। କମିଟି ହସ୍ପିଟାଲର ବିଭିନ୍ନ ଓ୍ୱାର୍ଡ, ସୁରକ୍ଷା ବ୍ୟବସ୍ଥା, ରୋଗୀ ନିବନ୍ଧନ ପ୍ରକ୍ରିୟା, ସିସିଟିଭି ନଜରଦାରି, ପ୍ରବେଶ ଓ ପ୍ରସ୍ଥାନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ହସ୍ପିଟାଲ ଅଧ୍ୟକ୍ଷଙ୍କ ନିକଟରେ ଘଟଣାର ସମସ୍ତ ବିବରଣୀ, ଗ୍ରହଣ କରାଯାଇଥିବା ପଦକ୍ଷେପ, ସୁରକ୍ଷା ତ୍ରୁଟି ଏବଂ ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଗ୍ରହଣୀୟ ବ୍ୟବସ୍ଥା ସମ୍ପର୍କରେ ସ୍ପଷ୍ଟୀକରଣ ମଧ୍ୟ ମଗାଯାଇଥିଲା। କମିଟି ଦାବି କରିଛି ଯେ ଏହି ଘଟଣାର ନିରପେକ୍ଷ, ସ୍ୱଚ୍ଛ ଓ ସମୟବଦ୍ଧ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କୁ ଆଇନ ଅନୁଯାୟୀ ଦାୟୀ କରାଯାଉ। ଯଦି କୌଣସି ପ୍ରଶାସନିକ ଅବହେଳା, କର୍ତବ୍ୟରେ ଖାମଖିଆଲି, ସୁରକ୍ଷା ବ୍ୟବସ୍ଥାର ବିଫଳତା କିମ୍ବା କୌଣସି ଅପରାଧିକ ଷଡ଼ଯନ୍ତ୍ରର ସୂଚନା ମିଳେ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ପ୍ରଚଳିତ ଆଇନ ଅନୁଯାୟୀ କଠୋର ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଯାଂଚ କମିଟି ପକ୍ଷରୁ ହସ୍ପିଟାଲ ଅଧ୍ୟକ୍ଷଙ୍କୁ ଦାବି କରାଯାଇଛି ଯେ, ଆଜିଠାରୁ ସମସ୍ତ ରୋଗୀ ଓ ସେମାନଙ୍କ ସହ ଆସୁଥିବା ଆଟେଣ୍ଡାଣ୍ଟମାନଙ୍କୁ ଯଥେଷ୍ଟ ସୁରକ୍ଷା, ଆବଶ୍ୟକ ସହଯୋଗ, ତଥ୍ୟ ପ୍ରଦାନ ବ୍ୟବସ୍ଥା ଏବଂ ହସ୍ପିଟାଲ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରାଯାଉ। ସେହିପରି ସମସ୍ତ ସିସିଟିଭି କ୍ୟାମେରା ସକ୍ରିୟ ରଖିବା, ଭିଜିଟର ରେଜିଷ୍ଟରର ସଠିକ୍ ପରିଚାଳନା, ପ୍ରବେଶ ଓ ପ୍ରସ୍ଥାନ ନିୟନ୍ତ୍ରଣକୁ ଅଧିକ କଡ଼ାକଡ଼ି କରିବା ଏବଂ ରୋଗୀଙ୍କ ସୁରକ୍ଷା ପାଇଁ ଏସଓପି କଡ଼ାକଡ଼ି ପାଳନ କରିବାକୁ ମଧ୍ୟ କୁହାଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଗଜପତି ଦିବସ

**ଭୁବନେଶ୍ୱର,୪।୭ (ମହାଭାରତ):** 'କେବଳ ଓଡ଼ିଆ ବୋଲି ଗର୍ବ କରିବା ଯଥେଷ୍ଟ ନୁହେଁ, ବରଂ ଏହି ଗୌରବଶାଳୀ ଜାତିକୁ ଆଜି ନିଜର ଭିତରକୁ ଚାହିଁ ଆତ୍ମ-ଅନୁଶୀଳନ କରିବାକୁ ପଡ଼ିବ। ଆମେ ଭୁଲିଯିବା ଉଚିତ ନୁହେଁ ଯେ, ପ୍ରଥମ ଓଡ଼ିଆ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବ ନିଜର ବିଶାଳ ସାମ୍ରାଜ୍ୟକୁ ସେହି ସମୟରେ ଜଗନ୍ନାଥ ସଂସ୍କୃତି ଓ ଜାତୀୟତାର ଏକ ସୂତ୍ରରେ ବାନ୍ଧିଥିଲେ। ସେ ସମଗ୍ର ବିଶ୍ୱକୁ ବାର୍ତା ଦେଇଥିଲେ ଯେ ଉତ୍କଳ ଭୂମିର ପ୍ରକୃତ ଅଧିପତି ବା ସମ୍ରାଟ ହେଉଛନ୍ତି ସ୍ୱୟଂ ଶ୍ରୀଜଗନ୍ନାଥ ଏବଂ ଗଜପତି ମାତ୍ର ତାଙ୍କର ପ୍ରଥମ ସେବକ। ଶତାବ୍ଦୀ ଶତାବ୍ଦୀ ଧରି ତାଙ୍କର ଏହି ସନାତନ ଓ ସାର୍ବଭୌମ ନୀତି ହିଁ ଆମ ଜାତୀୟ ଚେତନାର ମୂଳଦୁଆ' ବୋଲି 'ଗଜପତି ଦିବସ' ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏପରି ମତବ୍ୟକ୍ତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ବିୟଣ୍ଡ ହେରିଟେଜ୍ ଟ୍ରଷ୍ଟ' ଏବଂ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ମିଳିତ ସହଯୋଗରେ ସୂର୍ଯ୍ୟବଂଶୀ ଗଜପତି ରାଜବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ୫୯୧ତମ ରାଜ୍ୟାଭିଷେକ ଉତ୍ସବ ବିଶ୍ୱବିଦ୍ୟାଳୟର ଏମ୍.କେ.ସି.ଜି. ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ଯୋଗଦେଇ କଟକ ସାଂସଦ ଭର୍ତୃହରି ମହତାବ କହିଛନ୍ତି ଯେ, 'ମଧ୍ୟକାଳୀନ ଭାରତର ଦିଗ୍‌ବିଜୟୀ ରାଜା କପିଳେନ୍ଦ୍ର ଦେବଙ୍କୁ ନେଇ ଅନେକ ଲୋକକଥା ରହିଛି, କିନ୍ତୁ ଆଜିର ପିଢ଼ି ତାଙ୍କର ପ୍ରକୃତ ଇତିହାସ ଜାଣିବା ନିହାତି ଜରୁରୀ। ସେ ଏହି ଦିଗରେ ଆହୁରି ଗଭୀର ଗବେଷଣା କରିବାକୁ ଇତିହାସକାର ଓ ଗବେଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ତଥା ଐତିହାସିକ ପ୍ରଫେସର କୁଳଦୀପ୍ ଚନ୍ଦ୍ ଅଗ୍ନିହୋତ୍ରୀ ବିଦେଶୀ ଚଷମା ଖୋଲି ଭାରତୀୟ ଦୃଷ୍ଟିକୋଣରୁ ନିଜ ପୂର୍ବପୁରୁଷଙ୍କ ବୀରତ୍ୱକୁ ଜାଣିବା ଏବଂ ଗଜପତି ରାଜାମାନଙ୍କ ତଥ୍ୟକୁ ପାଠ୍ୟପୁସ୍ତକରେ ଅଧିକ ସ୍ଥାନ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ନିଜ ଅଭିଭାଷଣରେ କହିଛନ୍ତି, 'ଯଦି ଆମେ ପ୍ରକୃତ 'ଓଡ଼ିଆ ଅସ୍ମିତା'ର ସନ୍ଧାନ କରିବାକୁ ଚାହୁଁ, ତେବେ ଆମକୁ ଅତୀତକୁ ଚାହିଁବାକୁ ହେବ। ଆମ ମାଟିର ମହାନ ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ କାଳରେ ହିଁ ଓଡ଼ିଶାର ଭିତିଭୂମି ସୁଦୃଢ଼ ହୋଇଥିଲା। ଏହି ଉତ୍ସବ ଆଜିର 'ଜେନ-ଜି' ଯୁବପିଢ଼ିଙ୍କୁ ଓଡ଼ିଆ ଜାତି ପ୍ରତି ଗଜପତି କପିଳେନ୍ଦ୍ର ଦେବଙ୍କ ଚିରନ୍ତନ ଅବଦାନକୁ ବୁଝିବାରେ ସାହାଯ୍ୟ କରିବ।'

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

**ଭୁବନେଶ୍ୱର, ୪।୭ (ମହାଭାରତ):** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ଅରବିନ୍ଦ କୁମାର ପାଢ଼ୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ଅନ୍ୟ ସମସ୍ତ ବିଭାଗର ଶାସନ ସଚିବ ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ଯୋଜନା ଓ କାର୍ଯ୍ୟକ୍ରମର ସଫଳତା ଯଥା ମହିଳା ଉଦ୍ୟୋଗୀ ପ୍ଲାଟଫର୍ମ ( ଡବ୍ଲୁଇପି)ର ଶୁଭାରମ୍ଭ, କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ, ଯାନ୍ତ୍ରିକ ଓ ବୈଷୟିକ ଶିକ୍ଷାରେ ସଂରକ୍ଷଣ ବୃଦ୍ଧି ଏବଂ ରାଜ୍ୟର କ୍ରୀଡ଼ା, ଶିଳ୍ପ ଓ ଷ୍ଟାର୍ଟଅପ୍ କ୍ଷେତ୍ରର ସଫଳତ। ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟରେ ସୁଶାସନକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ



ନାଗରିକକୈନ୍ଦ୍ରିକ କରିବା, ପ୍ରଯୁକ୍ତି ଓ ପ୍ରମାଣଭିତିକ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବା, ବିଭାଗୀୟ କାର୍ଯ୍ୟଦକ୍ଷତାର ସମୀକ୍ଷା ସହ ବିଭିନ୍ନ ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ଏହି ବୈଠକର ପ୍ରମୁଖ ପ୍ରସଙ୍ଗ ଥିଲା । ବୈଜ୍ଞାନିକ ଗବେଷଣା, ତଥ୍ୟ ବିଶ୍ଳେଷଣ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଭାବକୁ ଅଧିକ ସୁଦୃଢ଼ କରିବା ସହ ସମ୍ବଳର ସଠିକ୍ ବ୍ୟବହାର ଓ ଉତମ ନୀତି ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାରେ ଶିକ୍ଷା, କୃଷି, ଶ୍ରମ, ଖାଦ୍ୟ ଯୋଗାଣ, ମହିଳା ସଶକ୍ତିକରଣ ଓ ସୁଶାସନ କ୍ଷେତ୍ରରେ 'ଜେ ପଲ୍' ସହ ଚାଲିଥିବା ସହଭାଗିତାକୁ ଆହୁରି ବିସ୍ତାର କରିବା ନେଇ ଆଲୋଚନା ହୋଇଥିଲା। ଭବିଷ୍ୟତରେ କୃଷି, ଜଳବାୟୁ ପରିବର୍ତନ, ମହିଳା ଆର୍ଥିକ ସଶକ୍ତିକରଣ, ପ୍ରବାସୀ ଶ୍ରମିକ, ଶ୍ରମବଜାର ଓ କୃତ୍ରିମ ବୁଦ୍ଧିମତା ଭଳି କ୍ଷେତ୍ରରେ ଗବେଷଣା ଏବଂ ନୀତିଗତ ସହଯୋଗ ବୃଦ୍ଧି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଅର୍ଥ ବିଭାଗ ପକ୍ଷରୁ ୩୦ ଜୁନ ୨୦୨୬ ସୁଦ୍ଧା ରାଜ୍ୟର ବ୍ୟୟ ଓ ରାଜସ୍ୱ ସ୍ଥିତିର ସମୀକ୍ଷା କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ମୋଟ କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାବେଳେ କୃଷି, ସାମାଜିକ କ୍ଷେତ୍ର ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ ବିଭାଗକୁ ବଜେଟର ଫଳପ୍ରଦ ବ୍ୟବହାର, ପୁଞ୍ଜି ବ୍ୟୟରେ ଗତି ଆଣିବା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ କୃତ୍ରିମ ବୁଦ୍ଧିମତା ଆଧାରିତ ଓଡ଼ିଆ ଭାଷାର ଭଏସ୍ ବୋଟ୍ ସମ୍ପର୍କରେ ଉପସ୍ଥାପନା କରାଯାଇଥିଲା। ସରକାରୀ ଯୋଜନାଗୁଡିକର ହିତାଧିକାରୀଙ୍କ ସହ ଓଡ଼ିଆ ଭାଷାରେ ସିଧାସଳଖ କଥୋପକଥନ କରି ମତାମତ ସଂଗ୍ରହ, ସେବାର ଗୁଣବତା ଆକଳନ ଏବଂ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣରେ ଏହି ବ୍ୟବସ୍ଥା ସହାୟକ ହେବ ବୋଲି ଆଶା କରାଯାଉଛି । ସେହିପରି ପୁରୁଣା ହସ୍ତଲିଖିତ ରେକର୍ଡକୁ ଡିଜିଟାଲାଇଜ୍ କରି ଶାସନ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ଓଡ଼ିଆ ଅକ୍ଷର ଚିହ୍ନଟ ପ୍ରଯୁକ୍ତିର ସମ୍ଭାବନା ଉପସ୍ଥାପନ କରାଯାଇଥିଲା।

# ବିଜେପିରେ ଯୋଗ ଦେଲେ ମଣ୍ଡଳ ଦମ୍ପତି

**ଭୁବନେଶ୍ୱର, ୪।୭ (ମହାଭାରତ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ଭଦ୍ରକର ପୂର୍ବତନ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ତଥା ଭଦ୍ରକ ଜିଲ୍ଲାର ବରିଷ୍ଠ ନେତା ଶଶୀ କୁମାର ସାହୁ ପ୍ରମୁଖ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ବିଜେଡିର ପୂର୍ବତନ ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ଗତ ସାଧାରଣ ନିର୍ବାଚନରେ ବିଜେଡିରୁ ସିମୁଳିଆ ବିଧାନସଭା ପ୍ରାର୍ଥିନୀ ଶ୍ରୀମତୀ ସୁବାସିନୀ ସାହୁ, ବାସୁଦେବପୁର ପୌରପରିଷଦ ପୂର୍ବତନ ପୌରାଧ୍ୟକ୍ଷା ଅଂଜୁଲତା ମହାନ୍ତି, ବାସୁଦେବପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷା ପ୍ରଭାତୀ ମଣ୍ଡଳ, ଚାନ୍ଦବାଲୀ ନିର୍ବାଚନମଣ୍ଡଳୀର ପ୍ରତାପ ଚନ୍ଦ୍ର ବେହେରା, ଅଲେଖ ଚନ୍ଦ୍ର ବଳ,



ଆଲୋକ ବଳ, ଅଭିମନ୍ୟୁ ବଳ, ଉତମ କୁମାର ବଳ, ସବୀନ ନାୟକଙ୍କ ସମେତ ଜିଲ୍ଲାର ବାସୁଦେବପୁର, ତିହିଡି, ଧାମନଗର, ବ୍ଲକର ଶତାଧିକ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ବିଜେଡିର ପୂର୍ବତନ ମହିଳା ସାଧାରଣ ସମ୍ପାଦିକା ରୁବିନା ପରିଡା, ପୂର୍ବତନ କର୍ପୋରେଟର ଶ୍ରୀ ନିର୍ମଳ ରାଉତ, ସମାଜସେବୀ ପ୍ରଦୀପ୍ତ ପରିଡା, ରମେଶ ଚନ୍ଦ୍ର ବିହାରୀ, ଚନ୍ଦ୍ରଜିତ ରାଉତରାୟ, ତପସ୍ୱିନୀ ମହାନ୍ତି, ସଚଳା ପରିଡା, ମଞ୍ଜୁ ସ୍ୱାଇଁ, ସରସ୍ୱତୀ ପରିଡା, ମୀନତି ଦାସ, ପ୍ରତିମା ପାତ୍ର, ସଞ୍ଜୁକ୍ତା ସ୍ୱାଇଁ, ସ୍ୱାତୀ ଖ୍ଲାର, ପ୍ରିୟଦର୍ଶନୀ ପରିଡା, ଶ୍ରୀ ଜି.ଶ୍ରୀନିବାସ, ସମାଜସେବୀ ଲିପିସା ମହାନ୍ତି ପ୍ରମୁଖ ବିଜେଡି ଛାଡି ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ସେହିପରି ନୟାଗଡ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡା ନିର୍ବାଚନମଣ୍ଡଳ ଭାପୁର ବ୍ଲକର ରାକମା ପଂଚାୟତ ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ସମିତି ସଭ୍ୟ ତପନ ମହାପାତ୍ର, ଅଖିଳ ସେଠ, ପବିତ୍ର ଶୁକ୍ଲ, ବିଭୁତି ଜେନା, ସୁବାଷ ଜେନା, ଛାତ୍ରନେତା ସଂଗ୍ରାମ କେଶରୀ ସାହୁ ବିଜେଡି ଛାଡି ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଗଂଜାମ ଜିଲ୍ଲା ଖଲିକୋଟ ନିର୍ବାଚନମଣ୍ଡଳୀର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୋନମ ପୋଲାଇ, ବରିଷ୍ଠ ନେତା ଶ୍ରୀକାନ୍ତ ସ୍ୱାଇଁ, କୁବେର ପୋଲାଇ, ସରପଂଚ ଝୁଇଁକଲ ତରାଇ, ବିନୋଦିନୀ ପରିଡା, ଝୁନୁ ବେହେରା, ସୁଧାକର ଗୌଡ, ହିନ ଖୁଂଟିଆ, ସମିତି ସଭ୍ୟା ଅହଲ୍ୟା ଦଳାଇ, ଯୁବ ନେତା ବିମଳ ପରିଡା, ଡକ୍ତର ତରାଇ ପ୍ରମୁଖ ଶତାଧିକ ବିଜେଡି ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି ।

# ବିଏମ୍‌ସିରୁ ଅବସର ଗ୍ରହଣ କଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

**ଭୁବନେଶ୍ୱର, ୪।୭ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି)ରୁ ଅବସର ନେଲେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ମହାପାତ୍ର । ଦୀର୍ଘ ୩୬ ବର୍ଷ କର୍ମମୟ ଜୀବନର ସର୍ବାଧିକ କାଳ ବିଏମ୍ ସିରେ କାର୍ଯ୍ୟକରି ସେ ଅବସର ଗ୍ରହଣ କରିଛନ୍ତି । ଜଣେ ଅମାୟିକ, ଭଦ୍ର ଓ ଦକ୍ଷ ଇଂଜିନିୟର ଭାବେ ତାଙ୍କର ବେଶ ସୁଖ୍ୟାତି ରହିଛି । ଭୁବନେଶ୍ୱରକୁ ଅତି ନିକଟରୁ ଦେଖିଆସିଥିବା ଶ୍ରୀ ମହାପାତ୍ର ୨୦୦୭ରୁ ୨୦୧୧ ଏବଂ ପରବର୍ତ୍ତୀ କାଳରେ ୨୦୧୩ରୁ ୨୦୨୬ ଦୀର୍ଘ ୧୭ ବର୍ଷ କାଳ ସେ ବିଏମ୍ ସିରେ କାର୍ଯ୍ୟ କରିଛନ୍ତି । ୧୯୯୦ ମସିହାରେ ଚାକିରୀ ଜୀବନ ଆରମ୍ଭ କରିଥିବା ଶ୍ରୀ ମହାପାତ୍ର, ଜୟପୁର, ସୁନାବେଡା, କୋଟପାଟ, ବ୍ରହ୍ମପୁର, ଜଟଣୀ ଆଦି ସ୍ଥାନରେ ଦକ୍ଷତାର ସହ କାର୍ଯ୍ୟକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ସୌନ୍ଦର୍ଯ୍ୟକରଣରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କେବଳ ସେ ଯେ ଜଣେ ଦକ୍ଷ ଇଂଜିନିୟର ତାହା ନୁହେଁ, ସେ ଜଣେ ଜଣାଶୁଣା କବି । ବିଭିନ୍ନ ପତ୍ରପତ୍ରିକା ସହ ତାଙ୍କର ଅନେକ ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । ତାଙ୍କ ପୁସ୍ତକରେ ନିଜ ଜୀବନର ଅଙ୍ଗେ ନିଭାଇଥିବା ତଥା ସମସାମୟିକ ସମାଜର ଚାଲି, ଚଳଣୀ, ଆଚାର, ବ୍ୟବହାର ଆଦି ପରିପ୍ରକାଶ। ବିଏମ୍ ସି ମୁଖ୍ୟାଳୟରେ ତାଙ୍କୁ ସ୍ୱତନ୍ତ୍ର ଭାବେ ଅବସର କାଳିନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ କମିଶନର ଶ୍ରୀ ଚଞ୍ଚଳ ରାଣା କହିଥିଲେ ଯେ, 'ମୁଁ ଆସିବା ସମୟରେ ଜାଣିବାକୁ ପାଇଲି ଯେ, ଆଉ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସେ ଅବସର ଗ୍ରହଣ କରିବେ । ତେଣୁ, ତାଙ୍କଠାରୁ ଭଲ କାର୍ଯ୍ୟ ଆଶା କରି ମୁଁ ତାଙ୍କୁ ଅଧିକ ଦାୟିତ୍ୱ ଓ ଚାପ ମଧ୍ୟ ଦେଇଛି ଏବଂ ତାର ସୁଫଳ ମଧ୍ୟ ପାଇଛି'।

ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସିଟି ଇଂଜିନିୟର ଶ୍ରୀ ପ୍ରଫୁଲ୍ଲ ରଇତଙ୍କ ସହ ସମସ୍ତ ବରିଷ୍ଠ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ଉତ୍ତରରେ ଶ୍ରୀ ମହାପାତ୍ର କହିଥିଲେ ଯେ, ମୁଁ ଏକା କୌଣସି କାର୍ଯ୍ୟ କରି ନାହିଁ । ଯେ କୌଣସି କାର୍ଯ୍ୟ କରିବାକୁ ହେଲେ, ନିଜର ଇଚ୍ଛାଶକ୍ତି ରହିବା ସହ କିଛି ନୂଆ କରି ଦେଖାଇବାର ଆଗ୍ରହ ଏବଂ ଟିମ୍ ର ସହଯୋଗ ନିହାତି ଆବଶ୍ୟକ । ବିଏମ୍ ସିରେ ଯେତେ କାର୍ଯ୍ୟ ମୁଁ କରିଛି, ତାହା କେବଳ ସମ୍ଭବ ହୋଇଛି ମୋ ଟିମ୍ ପାଇଁ । ତେଣୁ ସମସ୍ତ ଶ୍ରେୟ ମୋ ଟିମକୁ ଦେଉଛି ବୋଲି ସେ କହିଛନ୍ତି ।

# ମନରେଗା ଦୁର୍ନୀତି ଅଭିଯୋଗରେ ଦୁଇ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର, ୪।୭ (ମହାଭାରତ):** ଏମଜିଏନଆରଇଜିଏସ୍ ଯୋଜନାରେ ୪୨ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଆତ୍ମସାତ୍ ଅଭିଯୋଗ ହେବା ପରେ କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ଦୁଇ ଯନ୍ତ୍ରୀଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଗ୍ରାମାଞ୍ଚଳରେ ଦୁର୍ନୀତି ବିରୋଧରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ କରି ଓଡ଼ିଶା ଭିଜିଲାନ୍ସ କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାତ୍ର ଏବଂ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ଗିରଫ କରିଛି। ସେମାନଙ୍କୁ ଆଜି ଅଦାଲତରେ ହାଜର କରାଯିବ। ଏହି ଗିରଫଦାରୀ ଏମଜିଏନଆରଇଜିଏସ୍ ଯୋଜନା ଅଧୀନରେ ବିକାଶମୂଳକ ପ୍ରକଳ୍ପ ପାଇଁ ବରାଦ ସରକାରୀ ପାଣ୍ଠିରୁ ୪୨ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଆତ୍ମସାତ୍ ଅଭିଯୋଗର ତଦନ୍ତ ପରେ କରାଯାଇଛି।

ଧାରାକୋଟ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଅମୃତ ସରୋବର (ପୋଖରୀ) ପ୍ରକଳ୍ପ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିକାଶମୂଳକ କାର୍ଯ୍ୟର କାର୍ଯ୍ୟାନ୍ୱୟନକୁ ନେଇ ବିସ୍ତୃତ ତଦନ୍ତ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଦୁର୍ନୀତି ଆର୍ଥିକ ବର୍ଷ ୨୦୨୩-୨୪ ରୁ ୨୦୨୫-୨୬ ପର୍ଯ୍ୟନ୍ତ ତିନି ବର୍ଷ ଧରି ଚାଲିଥିବା ଅଭିଯୋଗ ରହିଛି। ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ଯାଞ୍ଚ ପାଇଁ ଯୁଗ୍ମ ଭୌତିକ ଯାଞ୍ଚ ଓ ବିସ୍ତୃତ ବୈଷୟିକ ପରୀକ୍ଷା କରାଯାଇଥିଲା। ଏଥିରେ ସରକାରୀ କାଗଜପତ୍ରରେ ଦର୍ଶାଯାଇଥିବା କାର୍ଯ୍ୟ ଏବଂ ପ୍ରକୃତ କ୍ଷେତ୍ରରେ ହୋଇଥିବା କାମ ମଧ୍ୟରେ ବିଶାଳ ପାର୍ଥକ୍ୟ ଧରାପଡ଼ିଥିଲା। ସରକାରୀ ରେକର୍ଡ ଅନୁଯାୟୀ, ପ୍ରକଳ୍ପଗୁଡ଼ିକ ପାଇଁ ମୋଟ ୪୯,୮୩,୯୯୫ ଟଙ୍କା ବିଲ୍ ପ୍ରକ୍ରିୟାକରଣ କରାଯାଇ ପରିଶୋଧ କରାଯାଇଥିଲା। କିନ୍ତୁ ବୈଷୟିକ ମୂଲ୍ୟାଙ୍କନରେ ଜଣାପଡ଼ିଥିଲା ଯେ, ପ୍ରକୃତରେ କେବଳ ୭,୪୨,୩୫୭ ଟଙ୍କା ମୂଲ୍ୟର କାମ ହୋଇଥିଲା। ଅବଶିଷ୍ଟ ୪୨ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ କୌଣସି କାମ ନ କରି ଅଭିଯୁକ୍ତମାନେ ଆତ୍ମସାତ୍ କରିଥିବା ତଦନ୍ତରେ ପ୍ରକାଶ ପାଇଛି। ତଦନ୍ତରେ ଆହୁରି ଜଣାପଡ଼ିଛି ଯେ, ଏମଜିଏନଆରଇଜିଏସ୍ ନିୟମାବଳୀ ଅନୁସାରେ କୌଣସି ପ୍ରକଳ୍ପର ବିଲ୍ ପ୍ରସ୍ତୁତ କିମ୍ବା ପରିଶୋଧ ପୂର୍ବରୁ କାମର ବିଭିନ୍ନ ପର୍ଯ୍ୟାୟରେ ଜିଓ-ଟ୍ୟାଗ୍ ସହିତ ଫଟୋ ଅପଲୋଡ୍ କରିବା ବାଧ୍ୟତାମୂଳକ।

# କିମ୍‌ସରେ ଜାତୀୟ ଡାକ୍ତର ଦିବସ ପାଳିତ

**ଭୁବନେଶ୍ୱର, ୪।୭ (ମହାଭାରତ):** କିମସ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତରଙ୍କୁ ସେମାନଙ୍କର ଅକ୍ଳାନ୍ତ ସେବା ଏବଂ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ। ଡାକ୍ତରଙ୍କୁ ଈଶ୍ୱରଙ୍କ ଦ୍ୱିତୀୟ ରୂପ ବୋଲି ଅଭିହିତ କରି ସେମାନଙ୍କର ନିଃସ୍ୱାର୍ଥପର ସେବା ପାଇଁ କୃତଜ୍ଞତା ଜଣାଇଥିଲେ। ପ୍ରସିଦ୍ଧ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିଚାରଣ କରି ଡାକ୍ତରମାନେ କରୁଣା ଏବଂ ସର୍ମପଣ ସହିତ ସମାଜର ସେବା ଜାରି ରଖିବାକୁ ଅନୁରୋଧ କରିଥିଲେ। ସେ କହିଲେ ଯେଉଁ ଛୋଟ ପ୍ରୟାସରେ କିମ୍ସ ଆରମ୍ଭ ହୋଇଥିଲା ଆଜି ଏହା ଏକ ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନରେ ପରିଣତ ହୋଇଛି। କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର.ସି. ଦାସ କହିଲେ, ଅନ୍ୟମାନଙ୍କର ସେବା କରିବା ସହିତ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ରୋଗୀକୁ ସୁସ୍ଥ କରିବା ସହ ନିଜକୁ ସୁସ୍ଥ ରଖିବା ମଧ୍ୟ ଡାକ୍ତରଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। କିମ୍ସ ପରାମର୍ଶଦାତା ଡା. ଆର.ଏନ. ସାମନ୍ତ ଭବିଷ୍ୟତର ଡାକ୍ତରମାନଙ୍କୁ ଏହି ବୃତ୍ତି ସହିତ ଜଡିତ ମର୍ଯ୍ୟାଦା ଏବଂ ବିଶ୍ୱାସକୁ ବଜାୟ ରଖିବାକୁ ଅନୁରୋଧ କରିଥିଲେ। କିଟ ଉପକୁଳପତି ପ୍ରଫେସର ଏମେରିଟସ୍ ସି.ବି.କେ. ମହାନ୍ତି ରୋଗୀଙ୍କ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତଙ୍କୁ ସମାନ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ପ୍ରତିଷ୍ଠାତାଙ୍କ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। କରୁଣା, ସହାନୁଭୂତି ଏବଂ ପ୍ରମାଣ-ଆଧାରିତ ଚିକିତ୍ସା ଅଭ୍ୟାସ ରୋଗୀ ଯତ୍ନର ହୃଦୟରେ ରହିବା ଉଚିତ ବୋଲି ସେ କହିଥିଲେ। ପ୍ରଫେସର ଏମେରିଟସ୍ ପଦ୍ମଶ୍ରୀ ଓ୍ୱାଇ କେ ଚାଓ୍ୱଲା ଚିକିତ୍ସା ବିଜ୍ଞାନରେ ଜୀବନବ୍ୟାପୀ ଶିକ୍ଷା, ଗବେଷଣା ଏବଂ ନବସୃଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଲେ, କିମସ ଛାତ୍ରମାନେ ଦିଲ୍ଲୀ ଏମ୍ସ ଓ ପିଜିଏମଇଆର ଚଣ୍ଡିଗଡ଼ ଭଳି ପ୍ରମୁଖ ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ସମକକ୍ଷ ହେବା ସହ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଉଭୟଙ୍କୁ ଶିକ୍ଷାଗତ ଭାବରେ ସକ୍ରିୟ ରହି ଗବେଷଣା ଉତ୍କର୍ଷତାକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ।



# ଇଚ୍ଛାମୃତ୍ୟୁ ଆବେଦନ

ଓଡ଼ିଶାର କେତେକ ଚାଷୀ ମଣ୍ଡିରେ ଧାନ ବିକ୍ରୀ କରିନପାରିବା ହେତୁ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିଛନ୍ତି । ଏଥିନେଇ ବିରୋଧୀ ସରକାରଙ୍କୁ ଆକ୍ଷେପ କରିଛନ୍ତି । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଇଚ୍ଛାମୃତ୍ୟୁ ପାଇଁ ସମ୍ପୃକ୍ତ ଚାଷୀ ଆବେଦନ କରିବାର ଯଥାର୍ଥତା ରହିଛି କି ନାହିଁ ତାହା ଭିନ୍ନ କଥା । କିନ୍ତୁ ବାସ୍ତବରେ ମଣ୍ଡିର ଅବସ୍ଥା ଅତି କରାପ ଏବଂ ଚାଷୀ ଶୋଷଣର ଶିକାର ହେଉଛନ୍ତି । ସରକାରୀ କିରାଣୀ ବା ପିଅନଟିଏ ବସି ବସି ମୋଟା ଅଙ୍କର ଦରମା ନେଇ ଘରକୁ ଯାଉଛି । ଅଥଚ ଆମକୁ ଦାନା ଯୋଗାଉଥିବା ଚାଷୀଟିଏ ନିଜ ପରିଶ୍ରମର ମୂଲ୍ୟ ପାଇବାକୁଏତେ ସଂଘର୍ଷ କରିବ ତାହା ବାସ୍ତବରେ ଦୁର୍ଭାଗ୍ୟଜନକ୍ ଏବଂ ନିନ୍ଦନୀୟ । ସ୍ୱାଧୀନ ଭାରତରେ ଏହା ଆଶା କରାଯାଉନଥିଲା । ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ । କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି । ଅନେକ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି । ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି । ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି । ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି । ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି । କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି । ପଞ୍ଜାବ, ହରିୟାନା,ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି  କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି । ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ । ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି । ଆସାମରେ ଚା’ ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ । ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ । ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି । ଓଡ଼ିଶା ଆଜି ଚାଉଳ ଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ । ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି । କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ । କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି । ଓଡ଼ିଶାର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି । କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି । କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ । ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି । ଅକ୍ଲାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି । ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ । ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି । ଉଦାହରଣ ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି । ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି । ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ । ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ । ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ । ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି । ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବ । ବ୍ୟବସ୍ଥା ଭଲ । କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି ।

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

*ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ ।*

ହିନ୍ଦୁ ସଂସ୍କାର, ସଂସ୍କୃତି ଜଡିତ ଉପରୋକ୍ତ ଉକ୍ତିଟିକୁ ଅତ୍ୟାଧୁନିକ ମଣିଷ ଉପସ୍ଥିତ ସମୟ ସାପେକ୍ଷ ଚେତନାରେ ମୁଖରିତ କରି ଯେଉଁସବୁ ଶିକ୍ଷା ସମାଜରେ ବିତରଣ କରୁଛନ୍ତି ସେସବୁ ସମ୍ପୃକ୍ତ ଦାର୍ଶନିକଙ୍କ ପ୍ରକୃତ ସନ୍ଦେଶ ନୁହେଁ । ଆମ ସଂସ୍କୃତିର ପ୍ରାୟତଃ ସମସ୍ତ ଜ୍ଞାନସିକ୍ତ ବକ୍ତବ୍ୟ ଗୁଡିକୁ ବିକୃତ, ବିଭସ୍ଥ କରି ଅମାନୁଷିକ ସ୍ୱାର୍ଥନ୍ୱେଷୀ ଆଜି ଯାହାସବୁ ବିପରୀତମୁଖୀ ଚେତନା ସମାଜରେ ବିତରଣ କରୁଛନ୍ତି ସେଗୁଡିକୁ ସମୀକ୍ଷା କରିବା ମଣିଷ କ୍ଷୀଣ । ଉପସ୍ଥିତ ସମୟରେ କେତେକ ଅଜ୍ଞାନ ଚତୁର ସ୍ୱାର୍ଥନ୍ୱେଷୀ ନିଜକୁ ସୁହାଇଲା ଭଳି ଅନେକ ମନ୍ତବ୍ୟ ପ୍ରଚ୍ଛର ପ୍ରସାର କରି ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରି ଠକୁଥିବା ନବୁଝି ସେମାନଙ୍କ କଥାକୁ ମହତ୍ୱର ସହିତ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି ସମସ୍ତଙ୍କ କ୍ଷେତ୍ରରେ ।

ପ୍ରମାଣପତ୍ର ଶୂନ୍ୟ ଅଦତିଜ୍ଞାନୀ ଦାର୍ଶନିକ ଯାହାସବୁ ଚେତନଜ୍ଞାନ ଦେଇ ଯାଇଛନ୍ତ ସେଗୁଡିକୁ କଦର୍ଥ କରି ଶିକ୍ଷା ପ୍ରମାଣପତ୍ରଧାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜରେ ନିଜର ସ୍ୱୟଂସିଦ୍ଧତା ସାବ୍ୟସ୍ତ କରିବା ଲକ୍ଷ ରଖି ଯାହା ସବୁ ପ୍ରେରଣା ଦେଉଛନ୍ତି ତାହାଦ୍ୱାରା ମଣିଷ ସମାଜ ଉନ୍ନତି କରିବା ପରିବର୍ତ୍ତେ ଅବନତିର ବିଭୀଷିକା ଆଡକୁ ମୁଖରିତ । ଏହି ମର୍ମରେ ସମ୍ପୃକ୍ତ ଉକ୍ତିଟିର ସମୀକ୍ଷା କରି ସମୁଚିତ ଶିକ୍ଷା ପାଇବା ବିଷୟ ଏହାକି...

ପ୍ରଥମେ ଆମକୁ ଧନ ଏବଂ ଧର୍ମର ମହତ୍ୱକୁ ବୁଝିବାକୁ ହେବ । ତତ୍ପରବର୍ତ୍ତୀ ସେଗୁଡିକର ଆହରଣ ଏବଂ ସଂରକ୍ଷଣ ବିଷୟ ବିଚ୍ଛରକୁ ନେଇ ନିଜସ୍ୱ ଜୀବନ ଶୈଳୀକୁ ସରସ ସୁନ୍ଦର କରିବା ସମ୍ଭବ ହେବ । ଅର୍ଥାତ ଧନ କାହାକୁ କୁହାଯାଏ ବିଚ୍ଛର କରି ଦେଖିବା । କୌଣସି ବିଷୟ କିମ୍ବା ବସ୍ତୁର ବାସ୍ତବବାଦୀ ଚେତନା ଜ୍ଞାନ ତଥା ସତ୍ୟାସତ୍ୟ ଉନ୍ମୋଚନ କରି ସ୍ମରଣିକା ମଧ୍ୟରେ ସଂସ୍ଥାପନ କରିବା ଦ୍ୱାରା ମଣିଷର ପ୍ରକୃତ ଜ୍ଞାନ ଉଦୟ ହୋଇଥାଏ । ସେହି ପ୍ରକୃତ ଜ୍ଞାନକୁ ବିନିଯୋଗ କରି ମଣିଷ ଅନେକ କିଛି ହାସଲ କରିବା କ୍ଷମତା ପ୍ରାପ୍ତ ହୋଇଥାଏ ।

ସମୟ ସାପେକ୍ଷ ଜ୍ଞାନର ବ୍ୟବହାର ମଣିଷକୁ ସାହସ, ଆନନ୍ଦ ଓ ମାନବିକ ପ୍ରେରଣା ଦେଇଥାଏ ଯଦ୍ୱାରା ମଣିଷର ଅଭାବନିୟତା ଦୂର କରିବାରେ ଅତ୍ୟନ୍ତ ଉପାଦେୟ ହୋଇଥାଏ । ଏହାର ତାତ୍ୱିକ ନିଦର୍ଶନ ଏହା କି ଜ୍ଞାନ ଦ୍ୱାରା ଜୀବନର ଯେକୌଣସି ପରିସ୍ଥିତିକୁ ମୁକାବିଲା କରାଯାଇ ପାରିବ । କିନ୍ତୁ ଟଙ୍କା ଦ୍ୱାରା କେବଳ ଖୁବ୍ କମ୍ ସମସ୍ୟାର ସମାଧାନ ସମ୍ଭବ, ଆଉ କେତେବେଳେ ଟଙ୍କା ମୁକାବିଲା କରିପାରିବା କ୍ଷମତା ବହିର୍ଭୁତ ପରିସ୍ଥିତି ସୃଷ୍ଟି କରିବାରେ ସହଯୋଗୀ ହୋଇଥାଏ । ଟଙ୍କା ଜୀବନ ଘାତକର କାରଣ, ଟଙ୍କା ମାନସିକ ଅସନ୍ତୁଳନର କାରଣ ହେଉଥିବା କୌଣସି ଆଶ୍ଚର୍ଯ୍ୟ କଥା ନୁହେଁ ଯାହା ସମସ୍ତେ ଜାଣନ୍ତି ।

ଟଙ୍କା କେବଳ ଏକ ମନୁଷ୍ୟକୃତ ବିଭୀଷିକାର ରୂପାନ୍ତରିତ ଚେହେରା ବ୍ୟତୀତ ପ୍ରକୃତ ଧନ ନୁହେଁ । ତେଣୁ ଦାର୍ଶନିକ, ମଣିଷର ଅନ୍ତର୍ଜ୍ଞାନକୁ ଏଠାରେ ଧନ ରୂପେ ବର୍ଣ୍ଣନା କରି ମଣିଷ ସମାଜକୁ ଆହ୍ୱାନ ଦେଇଛନ୍ତି ଯେ ଆମକୁ ଜ୍ଞାନ ଅର୍ଜନ କରିବାକୁ ହେବ ଏବଂ ତାହାର ସଂରକ୍ଷଣ ସଦୁପଯୋଗ ଉପରେ ପ୍ରାଧାନ୍ୟତା ଦେଇ ଶିଖିବାକୁ ହେବ ଯାହା ଆମକୁ ପ୍ରକୃତ ଧନଶାଳୀ କରିପାରିବ । ଅର୍ଥାତ ସେହି ଜ୍ଞାନ ରୂପକ ଧନକୁ ବ୍ୟବହାର କରି ଆମେ ଆନନ୍ଦରେ କାଳାତିପାତ କରିପାରିବା । ଅନୁରୂପ ଏଠାରେ ମଣିଷକୁ ସତ୍ୟ ଉପରେ ଆଧାରିତ ସାମାଜିକ, ମାନବିକ ଚେତନା ତଥା ତାହାର ବ୍ୟବହାରକୁ ଧର୍ମ ବୋଲି କୁହାଯାଇ ଅଛି ଯାହା ପ୍ରକୃତ ପକ୍ଷେ ମାନବଧର୍ମ ଅଟେ ।

ମଣିଷର ପ୍ରବାହିତ ଚରିତ୍ର, ଆଚରଣ ଏବଂ ସାମାଜିକ କର୍ତବ୍ୟନିଷ୍ଠତାକୁ ପ୍ରକୃତ ଧର୍ମ ବୋଲି କୁହାଯାଏ । ତେଣୁ ଆମକୁ ମାନବିକ ଚେତନାରେ ଅଭିଷିକ୍ତ ହୋଇ ସମାଜର ମଙ୍ଗଳ ଦିଗରେ ବ୍ରତୀ ହେବା ପାଇଁ ଆହ୍ୱାନ ପୂର୍ବକ ଦାର୍ଶନିକ ତାହାର ସୁବିନିଯୋଗ କରି ମାନବ ମଙ୍ଗଳ ଦିଗରେ ନିୟୋଜିତ କରିବା ପାଇଁ ପ୍ରେରଣା ଦେଇଛନ୍ତି । ସେଗୁଡିକୁ ବିଭସ୍ଥ, କଦର୍ଥ କରି ଅଜ୍ଞାନ ଚତୁର ଯେଉଁ ସମୟସାପେକ୍ଷ ଯୁକ୍ତି ପ୍ରଦାନ କରୁଛନ୍ତି ତାହା ସାଧାରଣ ନିର୍ବୋଧଙ୍କ ଅଜ୍ଞାତରେ ପରିଚ୍ଛଳିତ କରୁଥିବା ହେତୁ ସମାଜରେ ଅନ୍ୟାୟ, କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି ।

ଉପସ୍ଥିତ ସମୟରେ ଦୁଇଟି ଗୋଷ୍ଠୀର ବ୍ୟପାରୀ ନିଜସ୍ୱ ସ୍ୱାର୍ଥକୁ ସମ୍ମୁଖରେ ରଖି ସାଧାରଣ ଲୋକଙ୍କୁ କହୁଛନ୍ତି ଯେ ଧନ କହିଲେ ଟଙ୍କା ଏବଂ ଧର୍ମ କହିଲେ କାଠ, ପଥର, ଧାତୁ, କାଗଜର ମୂର୍ତ୍ତିକୁ ଫୁଲ, ଚନ୍ଦନ, ଅର୍ଘ୍ୟ, ବ୍ୟନ ପ୍ରଦାନ ପୂର୍ବକ ପୂଜା !! ତେଣୁ ଏହି ଦୁଇଟିକୁ ମନଲାଖି ଆହରଣ କରିବା ଏବଂ ତାହାର ସଂଚୟ, ବିନିଯୋଗ କରିବା ଦ୍ୱାରା ମଣିଷ ସୁଖ ଶାନ୍ତି ପାଇ ପାରିବ, ଯାହା ସମ୍ପୂର୍ଣ୍ଣ ବ୍ୟର୍ଥ ପରିକଳ୍ପନା ମାତ୍ର ! ସାଧାରଣ ମଣିଷ ସମୂହ ସେମାନଙ୍କ ଏହି ବୃଥା, ମିଥ୍ୟା ପ୍ରେରଣାକୁ ଅଂତରଣୀୟ କରି କାର୍ଯ୍ୟ କରିବା ଦ୍ୱାରା ସେହି ଦୁଇ ଗୋଷ୍ଠୀର ବ୍ୟପାରୀ ସମାଜରୁ କେମିତି ପରୋକ୍ଷରେ ସ୍ୱାର୍ଥ ହାସଲ କରୁଛନ୍ତି ଏବଂ ନିର୍ବୋଧ କେମିତି ପ୍ରତାରିତ ହେଉଛନ୍ତି ଆଜି ସମୟରେ ବିଚ୍ଛର କରିବା । ସେମାନଙ୍କ ପ୍ରଚ୍ଛର, ପ୍ରସାର ଜନିତ ସାମାଜିକ ବିଭୀଷିକା ବିଷୟରେ ସମ୍ୟକ୍ ଆଲୋଚନା କରାଗଲେ ନିଷ୍କର୍ଷ ଏହା ମିଳିବ ଯେ...

ଜଣେ ମଣିଷ ତାହାର ବ୍ୟବହାର ଆବଶ୍ୟକ ବହିର୍ଭୁତ ଯେଉଁ ଧନରାଶି ଉପାର୍ଜନ କରିଥାଏ ତାହାର କିଛି ଅଂଶ ଦୈନନ୍ଦିନ ଚଳଣିରେ ବ୍ୟବହାର କରିବା ପରେ ଅବଶିଷ୍ଟାଂଶ ସଂଚୟ କରିଥାଏ ଯାହା ବିଭିନ୍ନ ସାମାଜିକ ସଂଚୟ ସଂସ୍ଥା ମଧ୍ୟରେ ସମାହିତ । ସେହି ସଂଚୟ ଟଙ୍କାକୁ ସାଧାରଣ ନିର୍ବୋଧ ମଣିଷଟିଏ ବର୍ଷ ବର୍ଷ ଧରି ସମ୍ପୃକ୍ତ ଜମାକାରୀ ସଂସ୍ଥାରେ ନିୟୋଜିତ କରି ଶେଷରେ ଯେଉଁ ବର୍ଦ୍ଧିତ ରାଶି ପ୍ରାପ୍ୟ ହୋଇଥାଏ ସେଗୁଡିକ ସମ୍ପୃକ୍ତ ମଣିଷର କୌଣସି କାର୍ଯ୍ୟରେ ନଲାଗି ପୁନର୍ବାର ଅନ୍ୟ ଏକ ଦିଗରେ ନିବେଶ କରାଯାଇ ଥାଏ ।

ଅଧିକନ୍ତୁ ଅନେକ ବର୍ଷର ସଂଚୟକୁ କିଛି ଶୁଦ୍ଧ ସମେତ ପାଇଲା ବେଳକୁ ସେହି ସମୁଳ ଶୁଦ୍ଧ ଧନର ସାମାଜିକ ମୂଲ୍ୟ ହୁଏତ ସେହି ପୂର୍ବ ସମୟ ସହିତ ସମାନ ରହିଥାଏ ତ ଆଉ କେତେବେଳେ କମ୍ ହୋଇଥାଏ ଯାହା ସାଧାରଣରେ କୌଣସି ଲୋକ ଜାଣିପାରନ୍ତି ନାହିଁ । ଇତି ମଧ୍ୟରେ ସମ୍ପୃକ୍ତ ଜମାକାରୀ ସଂସ୍ଥା ସେହି ଧନରାଶି ବିନିଯୋଗ କରି ଯଥେଷ୍ଟ ଲାଭ ପାଇଥିବା ବେଳେ ନିବେଶକଙ୍କ ପ୍ରାପ୍ୟ ଅତି ନଗଣ୍ୟ ହୋଇଥାଏ ତୁଳନାତ୍ମକ ସେମାନଙ୍କ ଲାଭ ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

॥ ବାଦଲ ଭୂୟାଁ ॥

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ । ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ । ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲରେ ଜାଣିବାର ସୁଯୋଗ ପାଇବେ । ବାସ୍ତବ କଥା ହେଉଛି ଆଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତାମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ ।  ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ । କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ । କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ତୁତିଚାରଣର କିଛି ଅର୍ଥ ନାହିଁ । ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ । ନିଜେ ଦେବାଳିଆ ମଧ୍ୟ ହୋଇଥିଲେ । କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ । ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ । କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ । ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ବିତ ହେବାକୁ ପଡ଼େ । ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ । କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଣ୍ଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ । ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ । ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ । ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା ।

ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି । ବହୁ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ । ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି । ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଞ୍ଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ । ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ । ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ୍ୟ । କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ । ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ । କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ । ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ । ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ । ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର । ସେପଟେ ସୀମାନ୍ତ ଅଞ୍ଚଳକୁ ଅନ୍ୟରାଜ୍ୟ ଖାଇଗଲେଣି, ତା ପ୍ରତି କାହାରି ନିଘା ନାହିଁ । ଯାହା ବି ପ୍ରତିବାଦ କରାଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି । ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ । ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ । ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ତୁତିଚାରଣ କରିବା ପାଇଁ କେତେଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । ମଧବାବୁ ବିକଳ ହୋଇ ମାଆକୁ ଖୋଜିଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତ୍ତର ପାଇନଥିଲେ । ଆଜି ମଧ୍ୟ ଆମେ ତାଙ୍କୁ ଉତ୍ତର ଦେବା ସ୍ଥିତିରେ ନାହୁଁ ।


ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚ଼ଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା  ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ  ପକ୍ଷରୁ ଚ଼ଳିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

## ଆନ୍ଧ୍ରରେ ଓଡ଼ିଆ ଶ୍ରମିକଙ୍କ ଅକାଳ ମୃତ୍ୟୁ ଶବ ଘରକୁ ଆଣିବାକୁ ଅସହାୟ ପରିବାର

ଲକ୍ଷ୍ମୀପୁର,(ମହାଭାରତ) : ପେଟ ପୋଷିବା ପାଇଁ ଘର ଛାଡ଼ି ଆନ୍ଧ୍ରପ୍ରଦେଶ ଯାଇଥିବା ଜଣେ ଯୁବକଙ୍କ ଅକାଳ ମୃତ୍ୟୁ ପୁଣିଥରେ ଦାଦନ ସମସ୍ୟାର କରୁଣ ଚିତ୍ରକୁ ସାମ୍ନାକୁ ଆଣିଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡ଼ା ପଞ୍ଚାୟତ ଅନ୍ତର୍ଗତ ଝଡ଼ିପାଇ ଗ୍ରାମର ସାଉଲା ଜାନୀଙ୍କ ୨୫ ବର୍ଷୀୟ ପୁଅ ନରେନ୍ଦ୍ର ଜାନୀଙ୍କ ଗୁରୁବାର ରାତିରେ ଆନ୍ଧ୍ରପ୍ରଦେଶର ମାନ୍ୟମ ଜିଲ୍ଲା ସାଲୁର ଅଞ୍ଚଳରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପ୍ରାୟ ଦୁଇ ମାସ ତଳେ ନରେନ୍ଦ୍ର ଅନ୍ୟ କିଛି ଯୁବକଙ୍କ ସହ ସାଲୁରର ଏକ ହୋଟେଲରେ କାମ କରିବାକୁ ଯାଇଥିଲେ। ଗୁରୁବାର ରାତିରେ ଭଡ଼ା ଘରେ ଶୋଇଥିବା ବେଳେ ତାଙ୍କର ହଠାତ୍ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସକାଳେ ସହକର୍ମୀମାନେ ପରିବାରକୁ ଏହି ଦୁଃଖଦ ଖବର ଜଣାଇଥିଲେ। ମୃତ୍ୟୁ ଖବର ପାଇବା ପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଅତ୍ୟନ୍ତ ଦରିଦ୍ର ପରିବାର ହୋଇଥିବାରୁ ଆନ୍ଧ୍ରପ୍ରଦେଶରୁ ପୁଅର ମୃତଦେହ ଗାଁକୁ ଆଣିବା ପାଇଁ ସେମାନଙ୍କ ପାଖରେ ସାମର୍ଥ୍ୟ ନାହିଁ। ଦିନମଜୁରି କରି ପରିବାର ଚଳାଉଥିବା ବାପା ସାଉଲା ଜାନୀ ସରକାର ଓ ପ୍ରଶାସନ ପୁଣି ସ୍ୱେଚ୍ଛାସେବୀ ସଂଗଠନଙ୍କ ନିକଟରେ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଶଙ୍କର ସାଉଁନ୍ତା ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେ ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରା ଏବଂ ଜିଲ୍ଲା ଶ୍ରମ ଅଧିକାରୀ କବିତା ନାୟକଙ୍କ ସହ ଆଲୋଚନା କରି ମୃତଦେହକୁ ଗାଁକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିବା ଜଣାପଡ଼ିଛି। ନରେନ୍ଦ୍ରଙ୍କ ସହ ପ୍ରାୟ ୧୦ ଜଣ ଯୁବକ ସେହି ହୋଟେଲରେ କାମ କରୁଥିଲେ ଏବଂ ଏକାଠି ରହୁଥିଲେ। ଘଟଣାର ଖବର ପାଇ ସାଲୁର ପୁଲିସ ପହଞ୍ଚି ମୃତ୍ୟୁର କାରଣ ନେଇ ତଦନ୍ତ ଆରମ୍ଭ କରିଛି। ଦାଦନ ଶ୍ରମିକଙ୍କ ସୁରକ୍ଷା, ସେମାନଙ୍କ ଜୀବନ ଓ ମୃତ୍ୟୁ ପରେ ପରିବାରକୁ ସରକାରୀ ସହାୟତା ଯୋଗାଇବା ନେଇ ପୁଣିଥରେ ପ୍ରଶ୍ନ ଉଠିଛି।

## ଡିଏପି ସାର କଳାବଜାରୀ ଅଭିଯୋଗରେ ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ, ପିଓଏସ୍ ମେସିନ୍ ଜବତ

ରାଇଘର, (ମହାଭାରତ) : ରାଇଘର ବ୍ଲକ ଠାରେ ଡିଏପି ସାରର କଳାବଜାରୀ ଅଭିଯୋଗରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାଞ୍ଚ ସମୟରେ ଅନିୟମିତତା ଧରାପଡ଼ିବା ପରେ ସମ୍ପୃକ୍ତ ସାର ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିବା ବେଳେ ତାଙ୍କ ପିଓଏସ୍ ମେସିନ୍ ମଧ୍ୟ ଜବତ କରାଯାଇଛି। ରାଇଘର ସଦର ମହକୁମା ଥିବା ବଜରଙ୍ଗ ଟ୍ରେଡସ କୁ ଗତ କିଛି ଦିନ ତଳେ କୃଷି ଅଧିକାରୀ ରଶ୍ମି ରଞ୍ଜନ ସାହୁ ଅବଗତ କରାଇଥିଲେ।ଫଳରେ ଲାଇସେନ୍ସ ରଦ୍ଦ ହେବା ପରେ ସମ୍ପୃକ୍ତ ବ୍ୟବସାୟୀ ଆଉ କୌଣସି ପ୍ରକାରର ରାସାୟନିକ ସାର ବିକ୍ରି କରିପାରିବେ ନାହିଁ।ଚାଷୀମାନଙ୍କ ଅଭିଯୋଗ ଆଧାରରେ କୃଷି ବିଭାଗ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଯାଞ୍ଚରେ ସାର ବିକ୍ରିରେ ଅନିୟମିତତା ଓ କଳାବଜାରୀ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଚାଷୀମାନଙ୍କ ସ୍ୱାର୍ଥ ବିରୋଧରେ କାମ କରୁଥିବା କୌଣସି ବ୍ୟବସାୟୀଙ୍କୁ ଛାଡ଼ ଦିଆଯିବ ନାହିଁ। ଆଗାମୀ ଦିନରେ ମଧ୍ୟ ସାର ବିକ୍ରୟ କେନ୍ଦ୍ରଗୁଡ଼ିକରେ ନିୟମିତ ଯାଞ୍ଚ ଜାରି ରହିବ ବୋଲି ପ୍ରଶାସନ ସୂଚନା ଦେଇଛି।

## ବୁଗୁଡ଼ାରେ ପାଳିତ ହେଲା ୭୭ତମ ବନ ମହୋତ୍ସବ

ଦଶପଲ୍ଲା, (ମହାଭାରତ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଏବଂ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ର ଆୟୋଜନରେ ଆଜି ବୁଗୁଡ଼ା ସେକ୍ସନ୍ ଅଧୀନ ସ୍ଥାନୀୟ ମହାବୀର ମନ୍ଦିର ପ୍ରାଙ୍ଗଣରେ ୭୭ତମ ବନ ମହୋତ୍ସବ ଉତ୍ସାହର ସହ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଶ୍ରୀ ରାମପଦ ଅରବିନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନାଞ୍ଚଳ ଅଧିକାରୀ ଶ୍ରୀ ପ୍ରିୟବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ବନପାଳ ପ୍ରଫୁଲ୍ଲ କୁମାର ଦାଶ ଉପସ୍ଥିତ ଥିଲେ।ସ୍ଥାନୀୟ ବନପାଳ ଶ୍ରୀ ରାଜ କୁମାର ଶତପଥୀ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବା ସହ ବନପାଳ ମାନସ କୁମାର ସାହୁ, ଅଶୋକ କୁମାର ନାୟକ ଏବଂ ବିଭାଗର ଅନ୍ୟାନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଶତାଧିକ ବୃକ୍ଷ ରୋପଣ କରାଯାଇଥିଲା।ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନ ଦିଗରେ ଏହି ବନ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅତିଥି ମତବ୍ୟକ୍ତ କରିଛନ୍ତି।

## ଖରଖରିଆ ଗ୍ରାମରେ ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା: ଫୋନ୍ ଉଠାଉନାହାନ୍ତି ଲାଇନମ୍ୟାନ, କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ପାତ୍ରପୁର, ( ମହାଭାରତ) ପାତ୍ରପୁର ଅଧୀନସ୍ଥ ଖରଖରିଆ ଗ୍ରାମରେ ବିଦ୍ୟୁତ୍ ବିଭ୍ରାଟ ଓ ବିପର୍ଯ୍ୟସ୍ତ ସେବାକୁ ନେଇ ଗ୍ରାମବାସୀଙ୍କ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମରେ ବାରମ୍ବାର ବିଦ୍ୟୁତ ଲାଇନ୍ ବ୍ରେକଡାଉନ୍ କିମ୍ବା ବିଦ୍ୟୁତ ବିଭ୍ରାଟ ଘଟିଲେ ମଧ୍ୟ ସେଠାରେ କାର୍ଯ୍ୟରତ ଲାଇନମ୍ୟାନ ଓ ସୁପରଭାଇଜର ମାନେ ଠିକ୍ ସମୟରେ ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ସମସ୍ୟା ନେଇ ଫୋନ୍ କଲେ କର୍ମଚାରୀମାନେ ଅନେକ ସମୟରେ କଲ୍ ରିସିଭ୍ କରୁନାହାନ୍ତି କିମ୍ବା ସେମାନଙ୍କ ଅଭିଯୋଗକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଦୀର୍ଘ ଦିନ ଧରି ଏହି ଅଞ୍ଚଳରେ କାର୍ଯ୍ୟରତ ଥିବା ବିଦ୍ୟୁତ୍ କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତା ଯୋଗୁଁ ବିଦ୍ୟୁତ୍ ସେବା ପାଇବାରେ ବିଳମ୍ବ ହେଉଛି ଏବଂ ସାଧାରଣ ଲୋକମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଖରଖରିଆ ଗ୍ରାମବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ପତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ ପାଳନ ଉପରେ ସମୀକ୍ଷା କରାଯିବା ସହ ଲାଇନ୍ ବ୍ରେକଡାଉନ୍ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତୁରନ୍ତ ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ସମ୍ପର୍କିତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଏହି ଅଭିଯୋଗକୁ ଗ୍ରହଣ କରି ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି ଯେ, ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯାଇ ତୁରନ୍ତ ସମସ୍ୟାର ସମାଧାନ କରାଯିବ ଏବଂ ଗ୍ରାମବାସୀଙ୍କୁ ସୁଚାରୁ ରୂପେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

## ଟିପିସିଓଡ଼ିଏଲ କ୍ୟାମ୍ପରେ ଲାଇନ ମ୍ୟାନଙ୍କ ଆତ୍ମହତ୍ୟା

ଆଳି, (ମହାଭାରତ) : ଆଳି ଥାନା ଅନ୍ତର୍ଗତ ନୂଆବଜାର ଷ୍ଟାଡିଅମ ଗଳିରେ ଥିବା ଟିପିସିଓଡ଼ିଏଲ କ୍ୟାମ୍ପ ଭିତରୁ ବିଦ୍ୟୁତ ବିଭାଗର ଜଣେ ଲାଇନମ୍ୟାନଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ମୁତାବକ ଅନୁଯାୟୀ ଲାଇନମ୍ୟାନ ହେମନ୍ତ ଦାସ (୩୮)ଶନିବାର ଦିନ ସକାଳେ ଡିଉଟି ସାରି ଷ୍ଟାଡିୟମ ଗଳିରେ ଥିବା କ୍ୟାମ୍ପକୁ ଯାଇଥିଲେ। କ୍ୟାମ୍ପ ଘରର ସଟରକୁ ଅଧା କରି କ୍ୟାମ୍ପ ଭିତରେ ଥିବା ଏକ ଲୁହା ରଡ଼ରେ ରସି ଲଗାଇ ଝୁଲି ପଡ଼ିଥିଲେ ହେମନ୍ତ । କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକ ସଟର ଟେକି ହେମନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଅନ୍ୟ ବିଦ୍ୟୁତ କର୍ମଚାରୀଙ୍କୁ ଖବର ଦେଇଥିଲେ । ଅନ୍ୟ ବିଦ୍ୟୁତ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ହେମନ୍ତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ଆଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ହେମନ୍ତଙ୍କ ମୃତ ଦେହକୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରା ଯାଇଥିଲା। ମୃତ ଲାଇନ ମ୍ୟାନ ହେମନ୍ତ ଦାସଙ୍କ ଘର ମାହାଙ୍ଗା ଥାନା ଅନ୍ତର୍ଗତ ଗଙ୍ଗାଧର ଗ୍ରାମରେ ବୋଲି ଜଣାପଡିଛି । ସେ ଦୀର୍ଘ ଦିନ ହେବ ଆଳି ବିଦ୍ୟୁତ ସେକ୍ସନ ଅଧୀନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟରତ ଥିଲେ ।

# ବର୍ଷାରେ ପୋଖରୀ ପାଲଟୁଛି ଏମ୍‌ଭି-୭୯ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ ରାସ୍ତା : ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ବଢ଼ୁଛି ଚିନ୍ତା

କାଲିମେଲା, (ମହାଭାରତ) : ବର୍ଷା ହେଲେ ଏମ୍‌ଭି-୭୯ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖର ରାସ୍ତାରେ ପାଣି ଜମି ପୋଖରୀ ସଦୃଶ ପରିସ୍ଥିତି ସୃଷ୍ଟି ହେଉଛି। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଲୋକଙ୍କ ସହ ସ୍କୁଲ, କଲେଜ, ମେଡିକାଲ, ବ୍ୟାଙ୍କ, ଡାକଘର, କୋର୍ଟ ଓ ବିଭିନ୍ନ ଟ୍ୟୁସନ କେନ୍ଦ୍ରକୁ ଯାଉଥିବା ଶତାଧିକ ଛାତ୍ରଛାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଏମ୍‌ଭି-୭୯ ଅଞ୍ଚଳର ଏକ ପ୍ରମୁଖ ସଂଯୋଗକାରୀ ରାସ୍ତା। ଦିନସାରା ଲୋକଙ୍କ ଆସାଯାଆ ସହ ରାତି ସମୟରେ ମଧ୍ୟ ଟ୍ୟୁସନରୁ ଫେରୁଥିବା ଛାତ୍ରଛାତ୍ରୀମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ବର୍ତ୍ତମାନ ରାସ୍ତାରେ ଜମୁଥିବା ପାଣି ଓ କାଦୁଅ ଯୋଗୁଁ ସେମାନଙ୍କୁ ବହୁ କଷ୍ଟରେ ଯାତାୟାତ କରିବାକୁ ପଡୁଛି। ବର୍ଷା ଦିନରେ ପାଣି



ଭିତରେ ସାପ କିମ୍ବା ଅନ୍ୟ ବିପଜ୍ଜନକ ପ୍ରାଣୀ ରହିଥିବା ଆଶଙ୍କା ମଧ୍ୟ ଅଭିଭାବକଙ୍କ ଚିନ୍ତାକୁ ବଢ଼ାଇଛି। ସ୍ଥାନୀୟଙ୍କ କହିବାନୁସାରେ, ଏଠାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଯଥେଷ୍ଟ ନଥିବାବେଳେ ଷ୍ଟେଟ୍ ବ୍ୟାଙ୍କର ହୋର୍ଡିଂରୁ ଆସୁଥିବା ଆଲୋକ ରାତିରେ କିଛି ପରିମାଣରେ ସହାୟକ ହେଉଛି। କିନ୍ତୁ ଏହା ସ୍ଥାୟୀ ସମାଧାନ ନୁହେଁ। ପାଣି ଜମି ରହୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଟ୍ୟୁସନ ଛୁଟି ସମୟରେ ଅନେକ ଅଭିଭାବକ ପିଲାମାନଙ୍କୁ ନେବା ପାଇଁ ଏହି ସ୍ଥାନରେ ଅପେକ୍ଷା କରିଥାନ୍ତି। ପାଣି ଜମିବା ଓ ପାଖରେ ନାଳ ଥିବାରୁ ବର୍ଷା ଦିନରେ ସେମାନେ ମଧ୍ୟ ଅସୁବିଧାରେ ପଡୁଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବାବେଳେ ଆଗାମୀ ଦିନରେ ପ୍ରବଳ ବର୍ଷା ହେଲେ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ତାଣ୍ଡାବାଇ ଗ୍ରାମପଞ୍ଚାୟତ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଏହି ରାସ୍ତାର ମରାମତି କରିବା ସହ ବର୍ଷା ପାଣିର ସୁଚାରୁ ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ପଢୁଆଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୀଘ୍ର ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## ସାପ କାମୁଡାରେ ଯୁବକ ମୃତ

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭଦୁବାହାଳି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗତକାଲି ରାତିରେ ଘରେ ଶୋଇଥିବା ଅବସ୍ଥାରେ ସାପ କାମୁଡି ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଭଦୁବାହାଳି ଗ୍ରାମର ମଙ୍ଗଲ ମାରାଣ୍ଡି (୨୫), ପିତା ମାଙ୍ଗାତ ମାରାଣ୍ଡି। ସୂଚନା ଅନୁଯାୟୀ, ମଙ୍ଗଲ ଗତକାଲି ରାତିରେ ନିଜ ଘରେ ଶୋଇଥିବା ସମୟରେ ହଠାତ୍ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ଏହା ଜାଣିବା ପରେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା କରି ମୃତ ବୋଲି ଘୋଷଣା କରିଥିଲେ। ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରରେ ତାଙ୍କର ଏକ ଛୋଟ ଝିଅ ଥିବାରୁ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ପରେ ପୁଲିସ ପକ୍ଷରୁ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଯାଇଛି।

## ନାହିଁ ନାହିଁରେ ଚାଲିଛି କପ୍ତିପଦା ବ୍ଲକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ

କପ୍ତିପଦା, (ମହାଭାରତ ) : କପ୍ତିପଦା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ । ୨୬ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ । ପ୍ରତିଦିନ ଶହ ଶହ ଲୋକ ନିଜର ଅଭିଯୋଗ ନେଇ ଆସୁଥିବା ବେଳେ ଯୋଗାଣ ଅଧିକାରୀଙ୍କର ଦେଖା ମିଳୁନାହିଁ । କପ୍ତିପଦା ବ୍ଲକ ପାଇଁ ଦୀର୍ଘ ଦିନ ହେବ ଯୋଗାଣ ଅଧିକାରୀ ପଦବୀ ଫାଙ୍କା ପଡିଥିବା ବେଳେ ଗୋପବନ୍ଧୁନଗର ବ୍ଲକରେ କାର୍ଯ୍ୟରତ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ନାୟକ କପ୍ତିପଦା ବ୍ଲକ ଦାୟିତ୍ୱରେ ଦୀର୍ଘ ୬ ମାସ ହେବ ରହିଛନ୍ତି । କିନ୍ତୁ କପ୍ତିପଦା ବ୍ଲକଟି ସବୁଠାରୁ ବଡ ବ୍ଲକ ହୋଇଥିବା ବେଳେ ଶ୍ରୀ ନାୟକ ସପ୍ତାହରେ ଗୋଟିଏ ଦିନରୁ ଦୁଇ ଦିନ ଆସୁଥିବାରୁ ଅନେକ ସମୟରେ ହିତାଧିକାରୀମାନେ ତାଙ୍କ ନିକଟକୁ ଆସି ନିରାଶ ହୋଇ ଫେରୁଥିବା ଦେଖାଯାଇଛି । ବେଳେବେଳେ ହିତାଧିକାରୀଙ୍କ ସହ ଖରାପ ବ୍ୟବହାର କରିବା ସହ କିପରି ମୋଟା ଅଙ୍କରେ ବଟି ମିଳିପାରିବ ଏବଂ ନିଜର ମନମାନି ଜାହିର କରନ୍ତି । ଯାହାଫଳରେ ସାଧାରଣ ଗରିବ ଲୋକଟିଏ ନିଜର ଦୈନନ୍ଦିନ କାମକୁ ବନ୍ଦ କରି ରାସନ କାର୍ଡଟିଏ ପାଇବା ପାଇଁ ଏବଂ ରାସନ କାର୍ଡରେ କୌଣସି ସମସ୍ୟାକୁ ନେଇ ବ୍ଲକ ପହଂଚିଥିଲେ ସୁଦ୍ଧା ତାହାର ସୁଫଳ ପାଇପାରୁନାହିଁ । ତେଣୁ ଏହି ୨୬ ଗୋଟି ପଂଚାୟତରେ ରାସନ ସାମଗ୍ରୀ ସୁ ବଣ୍ଟନ ନିମନ୍ତେ ତୁରନ୍ତ ଜଣେ ସ୍ଥାୟୀ ଯୋଗାଣ ଅଧିକାରୀ ନିଯୁକ୍ତି କରିବାକୁ କପ୍ତିପଦା ବାସୀ ଦାବି କରିଛନ୍ତି ।

## ବ୍ୟକ୍ତିଗତ ଜାଗାରେ ସରକାରୀ ପୋଲ ନିର୍ମାଣକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ଧାମନଗର, (ମହାଭାରତ) : ସରକାର ଗ୍ରାମାଞ୍ଚଳ ରେ ବିକାଶ ପାଇ କୋଟି କୋଟି ଖର୍ଚ୍ଚ କରୁଥିବା ବେଳେ ଅଧିକାଂଶ ସ୍ଥାନ ରେ ସରକାରୀ ଅଧିକାରି ଓ ଠିକାଦାର ଙ୍କ ସଲା ସୂତରା ରେ ସରକାରୀ ଟଙ୍କା ବାଟ ବନା ହେଉଚି। ଏପରି ଏକ ଘଟଣା ଧାମନଗର ବ୍ଲକ ଧୂଷୁରି ଅଞ୍ଚଳ ରେ ଘଟିଛି ଏକ ବ୍ୟକ୍ତି ଗତ ଜାଗାରେ ସରକାରୀ ଟଙ୍କା ଖର୍ଚ୍ଚ କରା ଯାଇ କାମ ହେଉଚି ଯାହାକି ସାଧାରଣ ଲୋକ ଙ୍କ କାମରେ ଆସିବନି।ଧୂଷୁରୀ ବଜାର ନିକଟରେ ଚାଲିଥିବା ଏକ ପୋଲ ନିର୍ମାଣ କାର୍ଯ୍ୟକୁ ନେଇ ଓଲଟପୁର ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଅଣଦେଖା କରି ଏହି ପୋଲକୁ ଏକ ବ୍ୟକ୍ତିଗତ ବ୍ୟବସାୟିକ ଅନୁଷ୍ଠାନକୁ ସଂଯୋଗ କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଅଶୋକ ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।ଅଭିଯୋଗ ଅନୁଯାୟୀ, ଓଲଟପୁର ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ଚାଷୀଙ୍କ ଯାତାୟାତ ସୁବିଧା ପାଇଁ ଏକ ପୋଲ ନିର୍ମାଣ ଅତ୍ୟନ୍ତ ଜରୁରୀ ଥିଲା। କିନ୍ତୁ ବର୍ତ୍ତମାନ ଯେଉଁ ସ୍ଥାନରେ ପୋଲ ନିର୍ମାଣ କରାଯାଉଛି, ତାହା କେବଳ ଏକ ବ୍ୟକ୍ତିଗତ ପ୍ରତିଷ୍ଠାନକୁ ଲାଭ ପହଞ୍ଚାଇବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ, ମାତ୍ର ଏଠାରେ ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେମାନେ ଦାବି କରିଛନ୍ତି।ଏହି ଘଟଣାରେ ଜିଲ୍ଲାପାଳ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିବା ସହ ଉକ୍ତ ପ୍ରକଳ୍ପର ନକ୍ସା ଓ ଅନୁମୋଦନ ପ୍ରକ୍ରିୟାର ସତ୍ୟତା ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏହି ପ୍ରକଳ୍ପରେ କୌଣସି ଅନିୟମିତତା ରହିଛି, ଏହାର ବିଧିବଦ୍ଧ ତଦନ୍ତପାଇଁ ଦାବି କରା ଯାଇଛି। ଏ ଦିଗରେ ଡ୍ରେନେଜ୍ ବିଭାଗ ର ଯନ୍ତ୍ରୀ କହିଛନ୍ତି ଜେ ନିର୍ମାଣ ହେଉଥିବା ପୋଲ କୁ ସେମାନେ ସର୍ବସାଧାରଣ କୁ ଦିଆ ଯିବ ବୋଲି କହିଛନ୍ତି। ଯଦି ଏହାର ବିଧି ବଧ ତଦନ୍ତ ନ ହୁଏ ଆଗାମି ଦିନରେ ସ୍ଥାନୀୟ ବାସିନ୍ଦା ମାନେ ରାଜରାସ୍ତା କୁ ଆସିବେ ବୋଲି ଅଭିଯୋଗ କରିଛନ୍ତି।



# ପାରାଦୀପ ବନ୍ଦରରେ ଗ୍ରୀନ୍ ଟ୍ରାନଜିସନ ନିମନ୍ତେ ଉଚ୍ଚସ୍ତରୀୟ ବୈଠକ - ନିବେଶ ହେବ ୬୭ ହଜାର କୋଟି

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍ ହେବାକୁ ଯାଉଛି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ବୋର୍ଡ ରୁମ୍‌ରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କ ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଜାପାନ ମିଟସୁବିସି ଗ୍ୟାସ କେମିକାଲ୍ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଏସିଏମଇ ଗ୍ରୁପ୍‌ର ଅଧିକାରୀମାନେ ଯୋଗ ଦେଇ ପାରାଦୀପ ବନ୍ଦରରେ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍‌ର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପାରାଦୀପ ବନ୍ଦର ପକ୍ଷରୁ ଅଧକ୍ଷ ପି.ଏଲ.ହରନାଦ, ଉପାଧକ୍ଷ ଟି.ଭେନୁ ଗୋପାଲ ଯୋଗ ଦେଇଥିବା ବେଳେ ଜାପାନ ପ୍ରତିନିଧି ମଣ୍ଡଳୀ ପକ୍ଷରୁ କାର୍ଯ୍ୟନିର୍ବାହୀ ପରିଚାଳକ ହିଡେଆକି ଆକାଶେ, ମିଟସିବିସି



ନିର୍ବାହୀ ଅଧିକାରୀ ମାସାହିକୋ ନାଇଟୋ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପାରାଦୀପରେ ବିଶ୍ୱସ୍ତରୀୟ ଗ୍ରିନ୍ ଫୁଏଲ୍ ଆମଦାନୀ ନିମନ୍ତେ ଏକ ପ୍ରଶସ୍ତ କ୍ଷେତ୍ର ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ କହିବା ସହିତ ଆଗାମୀ ୧୦ ବର୍ଷ ନିମନ୍ତେ ଏସିଏମଇ ଗ୍ରୁପ୍ ୧୦୦,୦୦୦ଟନ୍ ଗ୍ରୀନ ମିଥାନେଲ୍ ବାର୍ଷିକ ମିଟସୁବିସି ଗ୍ୟାସ କେମିକାଲ୍ ଯୋଗାଇ ଦେବା ନିମନ୍ତେ ଚୁକ୍ତିନାମା ହୋଇଛି । ଏହି ପ୍ରକଳ୍ପ ନିମନ୍ତେ ୬୭ହଜାର କୋଟି ଟଙ୍କାର ପୁଂଜି ନିବୋଶ ହେବ । ପ୍ରକଳ୍ପ ଶେଷ ହେବା ପରେ ପାରାଦୀପ ବିଶ୍ୱର ସର୍ବବୃହତ୍ କ୍ଲିନ୍ ଏନର୍ଜି ହବ୍ ହେବ । ଭାରତ ବର୍ଷର ଆଗାମୀ ଦିନରେ ଲକ୍ଷ୍ୟ ପୂରଣ ହେବା ଦିଗରେ ଏହି ପ୍ରକଳ୍ପ ସହାୟକ ହେବ । ପାରାଦୀପ ବନ୍ଦର, ମିଟସୁବିସି ଗ୍ୟାସ୍ କେମିକାଲ୍ ଏବଂ ଏସିଏମଇ ଗ୍ରୁପ୍ ମିଳିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ଏକ ବିଶ୍ୱସ୍ତରୀୟ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରିନ୍ ଆମୋନିୟା, ଗ୍ରୀନ୍ ମିଥାନଲ୍‌ର ହବ୍ ହେବାକୁ ଯାଉଛି । ଏହା ଓଡିଶାର ନୌବାଣିଜ୍ୟ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ପାଣିରେ ବୁଡ଼ି ଚାଲିଗଲା ୭ ବର୍ଷ ନାବାଳିକାର ଜୀବନ

କପ୍ତିପଦା, (ମହାଭାରତ) : ସାଙ୍ଗ ସହିତ ଗଲେ, ହେଲେ ଶବ ହୋଇ ଫେରିଲେ। ଗାଁ ପୋଖରୀ କୁ ସାଙ୍ଗ ସହିତ ଯାଇଥିବା ବେଳେ ପାଣିରେ ବୁଡି ଚାଲିଗଲା ଜଣେ ୭ ବର୍ଷ ନାବାଳିକା ର ଜୀବନ। ଆଉ ଝିଅ କୁ ଖୋଜିବା ପାଇଁ ଗୁଣିଆ ର ସାହାଯ୍ୟ ନେଲେ ପରିବାର ଲୋକେ। ଶେଷରେ ସେହି ପୋଖରୀ ରୁ ମିଳିଲା ମୃତଦେହ। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଉଠାଣି ସାହି ଗ୍ରାମରେ। ଗ୍ରାମର ବାବୁଲି ନାଏକଙ୍କ ୭ ବର୍ଷ ଝିଅ ରାଜଲକ୍ଷ୍ମୀ ନାଏକ ଆଜି ସକାଳ ସମୟରେ ତାଙ୍କ ସାଙ୍ଗ ଅନିଶା ସାଙ୍ଗରେ ଗ୍ରାମ ନିକଟ ପୋଖରୀ ପାଖକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ଧରି ରାଜଲକ୍ଷ୍ମୀ ଘରକୁ ଫେରି ନ ଥିଲେ। ହେଲେ ଝିଅ କୁଆଡେ ଗଲା ତାହା ଜାଣି ନ ପାରି ପରିବାର ଲୋକେ ଦୁଇ ଜଣ ଗୁଣିଆ ର ସାହାଯ୍ୟ ନେଇଥିଲେ। ଗୁଣିଆ ଗ୍ରାମର ଏକ ପୋଖରୀରେ ଝିଅ ପଡ଼ିଥିବା କହିବା ପରେ ପରିବାର ଲୋକେ ୩ ଘଣ୍ଟା ପରେ ସେଠାରେ ପହଞ୍ଚି ଝିଅ କୁ ପୋଖରୀ ରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାଠଘୋଡାରେ ମା' ବାସୁଳେଇଙ୍କ ଐତିହ୍ୟ

କାକଟପୁର, (ମହାଭାରତ) : ଐତିହ୍ୟ ପରମ୍ପରା କୁ ନେଇ ଆମ ରାଜ୍ୟ ଓଡିଶା ବେଶ ପ୍ରସିଦ୍ଧ, ସଂସ୍କୃତି କଳା ଭାସ୍କର୍ଯ୍ୟ ର ଅପରୂପ ମିଳନ ଏହି ଓଡିଶା ରାଜ୍ୟ ର ପ୍ରତ୍ୟେକ ଭୌଗୋଳିକ ସନ୍ଧି ରେ ଉପଲବ୍ଧ, ବର୍ଷକ ବାର ମାସ ଅନେକ ପର୍ବପର୍ବାଣି, ସବୁ କିଛି ନିଆରା ଆଖି ଲାଖିଲା ଭଳି, ଏବେ ମାନବ ସମାଜ ଅତ୍ୟାଧୁନିକ ସମୟ ରେ ପହଁଚିଛି, ବିଜ୍ଞାନ ଜ୍ଞାନ କୌଶଳ କୁହନ୍ତୁ ଅବା ଆଉ କଣ ମାତ୍ର ଆଜିବି ଅନେକ ଲୋକକଳା ଆମ ର ପୁରପଲ୍ଲୀ ରେ ବଣ ମଲ୍ଲୀ ଭଳି ବାସୁଛି, ତା ଭିତରେ ରହିଛି ଘୋଡା ନାଚ, ହଁ ଦର୍ଶକ ବନ୍ଧୁ ଏ ଘୋଡା ସିନା ନିର୍ଜୀବ କିନ୍ତୁ ମା ବାସୁଳେଇ ଜୀବନ୍ତ ଭାବେ ଏହି ଘୋଡା ର ମୁଣ୍ଡ ରେ ବିରାଜମାନ କରୁଛନ୍ତି, କହିଲେ ହୁଏତ ବିଶ୍ୱାସ ହେବନି ମାତ୍ର ଆମ କ୍ୟାମେରା ରେ କଏଦ ହୋଇଛି ଏହି ଜୀବନ୍ତ ମା ବାସୁଳେଇ ଙ୍କ ଲୋମ ଟାଙ୍କୁରା କଲା ଭଳି ଦୃଶ୍ୟ ଆମେ ସାଧାରଣତଃ ମାଛ ଖାଉ କିନ୍ତୁ ଏହି ମାଛ କୁ ଆମ ନିକଟରେ ପହଞ୍ଚେଇବା କାର୍ଯ୍ୟ ହେଉଛି କୈବର୍ତ୍ତ ପରିବାର ମାନଙ୍କର, ଏହି କୈବର୍ତ୍ତ ପରିବାର ଙ୍କ କୁଳ ଦେବୀ ହେଉଛନ୍ତି ମା ବାସୁଳେଇ, କେବଳ ସେତିକି ନୁହେଁ ପୁରୀ ସହର ରେ



କୈବର୍ତ୍ତ ମାନଙ୍କ ପାଇଁ ହେଇଛି ବାସୁଳେଇସାହି, ସ୍ୱୟଂ ଗଜପତି ଅତୀତ ରେ ମା ଙ୍କ ଉଦ୍‌ଧେଶ୍ୟ ରେ କରିଛନ୍ତି ଏହି ସାହି, ପ୍ରତ୍ୟେକ ବର୍ଷ ଚୈତ୍ର ପୂର୍ଣ୍ଣିମା ରୁ କୈବର୍ତ୍ତ ମାନଙ୍କର ଆରମ୍ଭ ହୁଏ ଏହି ଘୋଡା ନାଚ ପରମ୍ପରା ଆଉ ରଜ ରେ ବସୁମତୀ ସ୍ନାନ ପରେ ମା ଙ୍କର ଘୋଡା ନାଚ ର ହୁଏ ସମାପନ, ମା ଙ୍କ ଘୋଡା ରୁ ମୁଣ୍ଡ ଟିକୁ ଛେଦନ ପରେ ଏହି କାର୍ଯ୍ୟ ସମ୍ପାଦିତ ହୁଏ ନିଷ୍ଠା ର ସହ ସମସ୍ତ କୈବର୍ତ୍ତ ପରିବାର ଏହି କାର୍ଯ୍ୟ କୁ କରିଥାନ୍ତି, କୁହାଯାଏ ଯେ ଏହି ପରମ୍ପରା ତ୍ରେତୟା ଯୁଗରୁ ପ୍ରଭୁ ଶ୍ରୀ ରାମଚନ୍ଦ୍ର ଙ୍କ ନଦୀ ପାର ସମୟ ରୁ ପ୍ରଚଳିତ ରହିଛି, ଆଉ ଅନେକ କିମ୍ବଦନ୍ତୀ ଏହି କୈବର୍ତ୍ତ ମାନଙ୍କ ଘୋଡା ନାଚ ସହିତ ଯୋଡି ହେଇ ରହିଛି, କିନ୍ତୁ ଆମ ଇତିହାସ ଆଜି କୁହେ ଯେ ପୁରାତନ ସମୟ ରେ ସବୁଆଡେ ନଦୀ ଆଉ ନଦୀ ପଥ ହିଁ ଅନେକ ଲୋକ ଙ୍କର ଯାତାୟାତ ମାର୍ଗ ଥିଲା, କୈବର୍ତ୍ତ ମାନେ ନଦୀ ରେ ଡ଼ଙ୍ଗା ନେଇ ମାଛ ମାରିବାକୁ ଯାଉଥିବା ସମୟ ରେ ଯେଉଁ ଚିନ୍‌ହା ପରିଚୟ ଲୋକ ମାନେ ଦେଖା ହୁଅନ୍ତି ସେମାନେ ତାଙ୍କୁ ନଦୀ ପାରି କରିଥାନ୍ତି ମାତ୍ର ବଦଳ ରେ କିଛି ନେଇନଥାନ୍ତି, ଆଉ ଚୈତ୍ର ମାସ ରେ ଘୋଡା ନାଚ କରି ସାହି ଗଳି ପରିକ୍ରମା କରି ଯାହା ଅନୁଦାନ ଆଣନ୍ତି ସେଥିରେ ନିଜ ଗୁଜୁରାଣ ଚଳାନ୍ତି, ଯାହା ମା ବାସୁଳେଇ ଙ୍କ ଆଶୀର୍ବାଦ ବୋଲି କୁହାଯାଏ, ସେହି ପରମ୍ପରା କୁ ବଜାୟ ରଖିବାକୁ ଆଜିବି ନିରବଛିନ୍ନ ପ୍ରୟାସ ଜାରି ରଖିଛନ୍ତି କାକଟପୁର ବାଜପୁର ଅଞ୍ଚଳ ରେ କୈବର୍ତ୍ତ ପରିବାର ବରୁଣ କାଠ ରେ ପ୍ରସ୍ତୁତ ଏହି ଘୋଡା ଟି ଦେଖିବାକୁ ଅତ୍ୟନ୍ତ ରମଣୀୟ, ମା ବାସୁଳେଇ ଙ୍କ ଆଜ୍ଞାମାଳ ଲାଗିଲା ପରେ ଏଥିରେ ମା ଙ୍କ ଜୀବନ ସମାହିତ ହୁଏ, ସିନ୍ଦୁର, କଳା, ମୁକୁଟ ବସ୍ତ୍ର ମନ୍ଦାର ମାଳା ମା ବାସୁଳେଇ ବା ଅଶ୍ୱମୁଣ୍ଡ ରେ ପିନ୍ଧାଯାଏ, ଝୁଣା ଧୂପ ଦୀପ ପଣା ଦେଇ ମା ଙ୍କୁ ପ୍ରତ୍ୟେକ ଲୋକ ବନ୍ଦାପନା କରନ୍ତି, ଶଙ୍ଖ ତୁରୀ ବାଜା ଶବ୍ଦ ରେ ପୁରା ପଲ୍ଲୀ ରେ ଆଧାତ୍ମିକ ପରିବେଶ ସୃଷ୍ଟି ହୁଏ, ଆଉ କୈବର୍ତ୍ତ ପରିବାର ର ପୁରୁଷ ଲୋକ ମାନେ ଘୋଡା ଟିକୁ କାନ୍ଧେଇ ପରିଭ୍ରମଣ କରନ୍ତି ଆଉ ସେହି ସମୟ ରେ ସେମାନଙ୍କ ଭିତରେ ମା ପ୍ରବେଶ କରିଯାନ୍ତି, ଆମେ କହୁନୁ କହୁଛି ଏ ଦୃଶ୍ୟ, ସେମାନଙ୍କ ଓଜନ ଏତେ ହେଇଯାଏ ତାଙ୍କୁ ସହଜ ରେ ପାଞ୍ଚ ଜଣ ଲୋକ ନହେଲେ ଉଠାଇ ପାରନ୍ତି ନାହିଁ, ପରିଶେଷରେ ଘୋଡା ଶରୀର ରୁ ମା ଙ୍କ ମସ୍ତକ ଛେଦନ ହୋଇ ଅଲଗା ହେବା ପରେ ପୂଜା ସମାପ୍ତ ହୁଏ ଏହି ଦୃଶ୍ୟ ଦେଖିବାକୁ ହଜାର ହଜାର ଲୋକ ଙ୍କ ଭିଡ଼ ଜମେ, ଯିଏ ଯାହା ମାନସିକ କରେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି ଏହି ପରମ୍ପରା ରେ ।

## ଆଳି-ମହୁ ରାସ୍ତାର କଳାପାହାଡ଼ ଠାରେ ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି

# ଆଣ୍ଠୁଏ ଆଣ୍ଠୁଏ ପାଣିରେ ଯାତାୟତ କରୁଛନ୍ତି ୯ ଟି ଗ୍ରାମର ଅଧିବାସୀ

ଆଳି,(ମହାଭାରତ): ଜଳ ନିଷ୍କାସନ ନିମନ୍ତେ ବାଟ ନଥିବାରୁ ଆଳି ରୁ ମହୁ କୁ ଯାଇଥିବା ରାସ୍ତାର କଳାପାହାଡ଼ ନିକଟରେ ପ୍ରାୟ ଶହେ ମିଟର ରାସ୍ତା ଉପରେ ଲହଡ଼ି ଭାଙ୍ଗୁଛି ବର୍ଷା ପାଣି ।ଗତ ଦୁଇ ଦିନ ହେବା ଲଗାଣ ବର୍ଷା ଯୋଗୁଁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମା ହୋଇ ରହିଛି । ରାସ୍ତାରେ ପାଣି ଜମିଥିବାରୁ କଳାପାହାଡ଼, ରସୁଲପୁର, କାଜିସାହିର ଗ୍ରାମର ଲୋକମାନେ ଆଣ୍ଠୁଏ ଆଣ୍ଠୁଏ ପାଣିରେ ପଶି ବଜାର ମେଡିକାଲକୁ ଯାଉଛନ୍ତି। ଏହି ରାସ୍ତା କଡ଼ରେ ରହୁଥିବା ଲୋକ ମାନେ ଘରୁ ପଦାକୁ ବାହାରି ନପାରି ଜଳବନ୍ଦୀ ହୋଇ ପଡିଛନ୍ତି । ରାସ୍ତାରୁ ବର୍ଷା ଜଳ ନିଷ୍କାସନ ହୋଇ ପାରୁନଥିବାରୁ ଏହି ରାସ୍ତା ଦେଇ ଯାତାୟତ କରୁଥିବା ହଜାର ହଜାର ଲୋକ



ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁଯାୟୀ ଆଳି ଆଠକଣିଆ ଛକ ଠାରୁ ମହୁ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର କଳାପାହାଡ଼ ମସଜିଦ ଠାରୁ କଳଘର ପର୍ଯ୍ୟନ୍ତ ଶହେ ମିଟର ରାସ୍ତାରେ ଏବେ ଆଣ୍ଠୁଏ ଆଣ୍ଠୁଏ ବର୍ଷା ପାଣି ଜମିରହିଛି । ବର୍ଷା ପାଣି ନିଷ୍କାସନ ନିମନ୍ତେ ବାଟ ନଥିବାରୁ ପାଣି ଗୋଟିଏ ସ୍ଥାନରେ ଜମି ରହିଛି । ତିନିଦିନ ହେବ ପାଣି ଜମିଥିବାରୁ କଳାପାହାଡ଼, ରସୁଲପୁର, କାଜିସାହି ଗ୍ରାମର ଦେଢ଼ ହଜାରରୁ ଉର୍ଦ୍ଧ ଲୋକ ହନ୍ତସନ୍ତ ହେଉଛନ୍ତି। ତିନି ବସ୍ତିର ଛୋଟଛୋଟ ଶିଶୁ ମାନେ ପାଣିରେ ପଶି ଅଙ୍ଗନୱାଡି, ସ୍କୁଲକୁ ଯାଇ ପାରୁ ନାହାଁନ୍ତି । ସେମାନଙ୍କ ବାପା ମା ଟେକି ଟେକି ଅଙ୍ଗନ ୱାଡି ସ୍କୁଲରେ ନେଇ ଛାଡୁଛନ୍ତି । ସ୍କୁଲ କଲେଜ ଯାଉଥିବା ଛାତ୍ର ଛାତ୍ରୀ ମାନେ ପାଣିରେ ପଶି ଯାତାୟତ କରୁଛନ୍ତି । ପାଣିରେ ପଶି ଯିବା ଆସିବା କରିବା ବେଳେ ଖାଲ ନଜାଣିପାରି ପଡି ଓଦା ଜୁଡୁବୁଡୁ ହେଉଥିବା ନେଇ ଛାତ୍ରଛାତ୍ରୀ ମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ମାନେ ପାଣିରେ ପଶି ଯିବା ଆସିବା କରିବା ଯୋଗୁଁ ବିଭିନ୍ନ ପ୍ରକାର ସଂକ୍ରମକ ରୋଗ ବ୍ୟାପିବାର ମଧ୍ୟ ଆଶଙ୍କା ଦେଖାଦେଇଛି । ଅପର ପକ୍ଷେ ଏହି ରାସ୍ତାରେ ପୋଡ଼ାମରାଇ, ଆଳକଣା, ମହୁ, କୋଳିଡ଼ିହ, ସାନଆଙ୍କୋ, ବଡ଼ଆଙ୍କୋ, ଅଟାଳ,କୋଟିଳା ଗ୍ରାମର କଲେଜ ଛାତ୍ରଛାତ୍ରୀଙ୍କ ଠୁ ଆରମ୍ଭ କରି ସାଧାରଣ ଲୋକ ସମସ୍ତେ ଏହି ପାଣିରେ ପଶି ଆଳି ବଜାର ସହିତ ଆଳି ମେଡିକାଲ,ବ୍ଲକ, ତହସିଲ, ଥାନାକୁ ଯାତାୟାତ କରୁଛନ୍ତି। ବର୍ଷା ଆରମ୍ଭରୁ ଏଭଳି ସ୍ଥିତି ଦେଖା ଦେଇଥିବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରିବା ନିମନ୍ତେ ମୁରସିଦ ଖାଁ,ସେକ ସମସାଦ, ଅବଦୁଲ ମାତିନ,ଏମ ଡି ଜିଗୁ,ସେକ ଜାହିଦ, ଫିରୋଜ ଖାଁ,ସେକ ସମ୍ମିଉଲା,ଏମ ଡି ଗେଲା ପ୍ରମୁଖ ସ୍ଥାନୀୟ ବାସିନ୍ଦାଙ୍କ ସମେତ ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, କୋଳିଡ଼ିହ ସରପଞ୍ଚ ହେମନ୍ତ ଧଳ, ଅଟାଳ ସରପଞ୍ଚ ପ୍ରତିନିଧି ଅଚ୍ୟୁତାନନ୍ଦ ବଳ, ସାଧୁଚରଣ ଜେନା, ଆଶିଷ କର,ରଶ୍ମିରଞ୍ଜନ ପାତ୍ର ପ୍ରମୁଖ ଦାବି କରିଛନ୍ତି ।

## ଭେଣ୍ଡିଆ ପୁଅର ଦୁଇଟି କିଡନୀ ନଷ୍ଟ



ଗଞ୍ଜାମ,:ଚିକିତ୍ସା ପାଇଁ ଘର ଜମି ବିକିବା ପରେ ଘର ଘର ବୁଲି ସହାୟତା ମାଗୁଛନ୍ତି ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ବାସୁଦେବପୁର ଗାଁ ର ବୃଦ୍ଧା ବାପା କାମେଶ୍ୱର ପ୍ରଧାନ, ମାଆ ଝୁମୁରି ପ୍ରଧାନ, ସରକାରୀ ସହାୟତା କୁ ଅପେକ୍ଷା। ପୁଅ ର ଚିକିତ୍ସା ପାଇଁ ବାର୍ଦ୍ଧକ୍ୟ ବୟସରେ ବାପା ମା ଙ୍କ ଆଖିରେ ଲୁହ ।ନିଜର ଘର ଜମି ବାଡ଼ି ସର୍ବସ୍ୱ ବିକ୍ରୀ ପରେ ଘର ଘର ବୁଲି ହାତ ପତାଇ ମାଗୁଛନ୍ତି ସହାୟତା।

ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ପଞ୍ଚାୟତ ବାସୁଦେବପୁର ଗାଁ ର କାମେଶ୍ୱର ପ୍ରଧାନଙ୍କ ସାନ ପୁଅ ସାରଙ୍ଗ ପ୍ରଧାନ ବୟସ ମାତ୍ର ୩୦ ବର୍ଷ ।ସାରଙ୍ଗ ପରିବାର ଏକ ମାତ୍ର ରୋଜଗାରିଆ ପୁଅ।ସେ ମୁମ୍ବାଇ ରେ ଏକ କମ୍ପାନୀ କାମ କଲେ ତାଙ୍କ ପରିବାର ଚଳେ ।ବାପା ମା ଭିନ୍ନକ୍ଷମ ।ସାରଙ୍ଗ ଆଜକୁ ଠିକ ଦେଢ଼ ବର୍ଷ ତଳେ ବିବାହ କରିଥିଲେ ।ବିବାହ ର କିଛି ଦିନ ପରେ ସାରଙ୍ଗଙ୍କର ପୁତ୍ର ସନ୍ତାନ ଜନ୍ମ ହେଲା ।ଘରକୁ ନାତି ଟିଏ ଆସିଲା ବୋଲି ଜେଜେ ବାପା ଜେଜେ ମା ଙ୍କ ଖୁସି କହିଲେ ନ ସରେ ।କିନ୍ତୁ ସେ ସବୁ ଖୁସି ରେ ସତେ ଯେମିତି କାହାର ନଜର ଲାଗି ଗଲା ।ହସ ଖୁସି ସଂସାର ଘୋଟିଗଲା ଦୁଃଖ ର କଳା ବାଦଲ ।ସାନ ପୁଅ ସାରଙ୍ଗ ର ଦୁଇଟି ଯାକ କିଡ଼ନୀ ନଷ୍ଟ ହୋଇଯାଇଥିବା ବେଳେ ଲିଭର ଭି ଖରାପ ହେବା ଆରମ୍ଭ ହୋଇଛି । ଚିକିତ୍ସା ପାଇଁ ଘରୋଇ ମେଡିକାଲ ଭର୍ତ୍ତି କରିଥିବା ବେଳେ ୫୦ ଲକ୍ଷ ଟଙ୍କା ଯୋଗାଡ଼ କରିବା ସହିତ କେହି ଜଣେ କିଡ଼ନୀ ଦାନ କଲେ ହିଁ ସାରଙ୍ଗ ଚିକିତ୍ସା ହେବା ସହିତ ଜୀବନ ବଞ୍ଚି ପାରିବ ବୋଲି ଡାକ୍ତର କହିଛନ୍ତି ।ଯାହାକୁ ନେଇ ପରିବାର ଲୋକ ଟଙ୍କା ଯୋଗାଡ଼ପାଇଁ ଲାଗି ପଡିଛନ୍ତି ।ଜୀବନ ଯାହା ଜମା ପୁଞ୍ଜି ଯାହା ଥିଲା ଖର୍ଚ୍ଚ ହୋଇ ସାରିଥିବା ବେଳେ ପୁଅ ଚିକିତ୍ସା ପାଇଁ ଘର ଜମି ବାଡ଼ି ସବୁକୁ ବିକ୍ରୀ କରି ଦେଇଛନ୍ତି ।ତଥାପି ଟଙ୍କା ଯୋଗାଡ଼ ହୋଇ ପାରିନି ।ପରିଣତ ବୟସ ରେ ବାପା ମା ଘର ଘର ବୁଲି ପୁଅ ଚିକିତ୍ସା ଖର୍ଚ୍ଚ ପାଇଁ ବାର ଦୁଆରେ ହାତ ପତାଇ ଭିକ ମାଗୁ ଛନ୍ତି ।ସାରଙ୍ଗ ଙ୍କ ଦେହ ଅସୁସ୍ଥ ଥିବା ଜାଣିବାକୁ ପାଇଁ ସାରଙ୍ଗ ଙ୍କ ସାଙ୍ଗ ସାଥି ବନ୍ଧୁ ବାନ୍ଧବ ସମସ୍ତେ ଗାଁ ଗଣ୍ଡା ବୁଲି ସହାୟତା ମାଗିବା ସହିତ ସୋସିଆଲ ମିଡ଼ିଆ ରେ ମଧ୍ୟ ଅନୁରୋଧ କରିଛନ୍ତି ।ଏବେ ଅପେକ୍ଷା ସରକାରୀ ସହାୟତା କୁ ଯଦି ସରକାର ସହାୟତା ହାତ ବାଢ଼ିବେ ତାହେଲେ ସାରଙ୍ଗ ଙ୍କ ଜୀବନ ବଞ୍ଚି ପାରିବ ବୋଲି ପରିବାର ଲୋକ କହିଛନ୍ତି ।

## ବାଲିପାଟଣା ଆରଟିଆଇରେ ତଥ୍ୟ ମାଗିଲେ ମିଳିନୁ ସୂଚନା

ବାଲିପାଟଣା ( ମହାଭାରତ)ଗୋଟିଏ ପଟେ ସରକାର 'ସ୍ୱଚ୍ଛ ଶାସନ'ର ଡିଣ୍ଡିମ ପିଟୁଛନ୍ତି, ଅନ୍ୟପଟେ ସରକାରୀ କଳର ପ୍ରମୁଖ ବିଭାଗଗୁଡ଼ିକ ସୂଚନା ଅଧିକାର ଆଇନକୁ ବୁଢ଼ା ଆଙ୍ଗୁଠି ଦେଖାଇ ଚାଲିଛନ୍ତି। ବ୍ଲକର କୃଷି, ଗ୍ରାମ ଉନ୍ନୟନ, ଉଦ୍ୟାନ କୃଷି ଓ ଯୋଗାଣ ବିଭାଗରେ ଏବେ ସୂଚନା ଲୁଚାଇବାର ଏକ ଅଘୋଷିତ 'ସଂସ୍କୃତି' ଗଢ଼ିଉଠିଛି। ସାଧାରଣ ନାଗରିକ ତଥ୍ୟ ମାଗିଲେ ସୂଚନା ଦେବା ପରିବର୍ତ୍ତେ, ଅଧିକାରୀମାନେ ତାଙ୍କୁ 'ପ୍ରଥମ ଅପିଲ୍' ପର୍ଯ୍ୟନ୍ତ ଦୌଡ଼ାଇବାକୁ ମାନସିକତା ପ୍ରସ୍ତୁତ କରିସାରିଛନ୍ତି ।ସାଧାରଣତଃ ଯେଉଁଠି ଦୁର୍ନୀତିର ଗନ୍ଧ ଥାଏ, ସେଠାରେ ହିଁ ସୂଚନା ଦେବାକୁ ଅଧିକାରୀମାନେ କୁଣ୍ଠାବୋଧ କରନ୍ତି। ବ୍ଲକ ଅଫିସର ଏହି ଚାରିଗୋଟି ବିଭାଗରେ କେଉଁ କାମରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁଠି ନିୟମ ଉଲ୍ଲଂଘନ ହୋଇଛି, ତାହା ଆରଟିଆଇ ଜରିଆରେ ଜଣାପଡ଼ିବା ଭୟରେ ଏଭଳି ଚକ୍ରାନ୍ତ ଚାଲିଛି। ଏହା ସିଧାସଳଖ ସାଧାରଣ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। କୃଷି ବିଭାଗରେ କୃଷକଙ୍କ ପାଇଁ ଆସୁଥିବା ରାସାୟନିକ ସାର, ବିହନ ଓ ଯନ୍ତ୍ରପାତି ବଣ୍ଟନରେ ଅନେକ ଦୁର୍ନୀତିର ଅଭିଯୋଗ ଆସୁଛି ଆରଟିଆଇ ମାଧ୍ୟମରେ ଏହାର ସୂଚନା ମାଗିଲେ ମଧ୍ୟ ବିଭାଗ ଚୁପ୍। କାହିଁକି ? ଏବେ ପ୍ରଶ୍ନ ଉଠୁଛି ଫର୍ଜି ହିତାଧିକାରୀଙ୍କ ନାମରେ ହେଉଛି କି ଲକ୍ଷ ଲକ୍ଷ ଟଙ୍କାର ହେରଫେର ? ସେହିଭଳି ଅଯୋଗ୍ୟ ହିତାଧୀକାରୀ କିଛି ଦଲାଲଙ୍କୁ ହାତ କରି ରାସନକାର୍ଡ ହାତେଇଛନ୍ତି ବୋଲି ବାରମ୍ବାର ଅଭିଯୋଗ ହେଉଛି। ତାପରେ ବି ରାସନ କାର୍ଡ ସମ୍ପର୍କୀୟ ସୂଚନାକୁ କାହିଁକି ଗୋପନ ରଖାଯାଉଛି ? ଯୋଗାଣ ବିଭାଗରେ ଚାଲିଛି କି ଦଲାଲ ରାଜ ଅଯୋଗ୍ୟ ଲୋକଙ୍କ ହାତକୁ ଯାଉଛି କି ରାସନ କାର୍ଡ ? ସେହିପରି ଉଦ୍ୟାନ କୃଷି ବିଭାଗରେ ମଧ୍ୟ ଅନେକ ଦୁର୍ନୀତି ହେଉଥିବାର ଅଭିଯୋଗ ହେଉଛି ।ଆଇଟିଆଇ ଆଇନର ଧାରା ୭ ଅନୁସାରେ, ତଥ୍ୟ ମାଗିବା ନାଗରିକଙ୍କ ଅଧିକାର। ମାତ୍ର ବ୍ଲକସ୍ତରୀୟ ପିଆଇଓ ମାନେ ନିୟମକୁ ଅବମାନନା କରି ଯେଉଁଭଳି ଭାବେ 'ଆପିଲ' ପାଇଁ ବାଧ୍ୟ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ବେଆଇନ। ଏହା କେବଳ ସାଧାରଣ ଲୋକଙ୍କ ସମୟ ଓ ଅର୍ଥର ଅପବ୍ୟୟ ନୁହେଁ, ବରଂ ଦୁର୍ନୀତିଖୋର ଅଧିକାରୀଙ୍କୁ ସୁରକ୍ଷା ଦେବାର ଏକ କୌଶଳ ।ଯଦି ଏହି ବିଭାଗଗୁଡ଼ିକ ଆଗାମୀ ଦିନରେ ସ୍ୱଚ୍ଛତା ଅବଲମ୍ବନ ନ କରନ୍ତି, ତେବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯିବ।

## କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ନାରାୟଣପାଟଣା(ମହାଭାରତ): ଚଳିତ ବର୍ଷ +୨ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ସଫଳତାର ସହ କୃତୀତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ନିମନ୍ତେ ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଅନୁଷ୍ଠାନ ର ଅଧକ୍ଷ ସୁଧିର କୁମାର ଜେନା ୫ ଜଣ କୃତୀ ଛାତ୍ର ଛାତ୍ରୀ ଯଥା ସୃତି ସାହୁ, ଜିତେନ୍ଦ୍ର ମହାନନ୍ଦିଆ, ଏନ୍. ବିଭୂତି ପ୍ରିୟା, ରାଣିକା କେଣ୍ଟୁକା ଏବଂ ଟି. ଅମୂଲ୍ୟା ଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍କର୍ଷତା ପୁରସ୍କାର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଶତ ପ୍ରତିଶତ ପରୀକ୍ଷାଫଳ କପରି ହୋଇପାରିବ ସେ ନେଇ ଶ୍ରୀ ଜେନା ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଏହି କି ଯେ ଚଳିତ ବର୍ଷ +୨ ପରୀକ୍ଷା ଅବ୍ୟବହିତ ପୂର୍ବରୁ ଇଂରାଜୀ ଅଧାପକ ପ୍ରଜାରଞ୍ଜନ ମିଶ୍ର କୃତୀ ଛାତ୍ର ଛାତ୍ରୀଙ୍କ ନିମନ୍ତେ ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ପ୍ରତିଶ୍ରୁତି ମୁତାବକ ଏହି ଛାତ୍ର ଛାତ୍ରୀଙ୍କୁ ନିଜସ୍ୱ ଦରମାରୁ ଏକ ହଜାର ଟଙ୍କା ଲେଖାଏଁ ଚେକ୍ ଆକାରରେ ପ୍ରଦାନ କରିଥିଲେ। ପ୍ରତିବର୍ଷ ଏହିପରି ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେୟ ଉକ୍ତ ଘୋଷଣା କୁ ନେଇ ଛାତ୍ରଛାତ୍ରୀମାନେ ଖୁସି ପ୍ରକଟ କରିବା ସହ ପ୍ରତିଯୋଗିତା ବରାବର ରହିବ ବୋଲି ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଙ୍କ ସମେତ ସମସ୍ତ ଅଧାପକ, କର୍ମଚାରୀ ,ଅବିଭାବକ, କୃତୀ ଛାତ୍ର ଛାତ୍ରୀ ଏବଂ ଅଧ୍ୟୟନରତ ଦ୍ୱାଦଶ ଶ୍ରେଣୀର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## କଟକ ୱାକିଂ ବୁକଫେୟାର୍ସରେ ମାସିକ ବୁକ୍ କ୍ଲବ୍ ବୈଠକ

### ଯୋଗଦେଲେ ବିଶିଷ୍ଟ ପ୍ରଫେସର ଓ ପୁସ୍ତକ ପ୍ରେମୀ



କଟକ:ୱାକିଂ ବୁକଫେୟାର୍ସ (Walking BookFairs) କଟକ ପକ୍ଷରୁ ଆୟୋଜିତ ମାସିକ ବୁକ୍ କ୍ଲବ୍ ବୈଠକରେ ସ୍ଥାନୀୟ ପୁସ୍ତକ ପ୍ରେମୀମାନେ ଏକାଠି ହୋଇ ସାହିତ୍ୟ ଚର୍ଚ୍ଚା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଡକ୍ଟର ସତ୍ୟାନନ୍ଦ ସ୍ୱାଇଁ ଏବଂ ପ୍ରଫେସର ଡକ୍ଟର ମଞ୍ଜୁଶ୍ରୀ ପଟ୍ଟନାୟକ ଯୋଗଦେଇ ପାଠକମାନଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ନିଜର ବହୁମୂଲ୍ୟ ଶିକ୍ଷାଗତ ଓ ସାହିତ୍ୟିକ ଅନୁଭୂତି ବାଣ୍ଟିଥିଲେ। ଏହି ସେସନରେ ଉପସ୍ଥିତ ପାଠକମାନେ ନିଜ ନିଜର ପରିଚୟ ଦେବା ସହ ନିଜ ପସନ୍ଦର ବହି ବିଷୟରେ ଆଲୋଚନା କରିଥିଲେ ଏବଂ କିଛି ମୁଖ୍ୟ ଅଂଶ ପଢି ଶୁଣାଇଥିଲେ। ଏହି ମୁକ୍ତ ଆଲୋଚନା ମାଧ୍ୟମରେ ପୁସ୍ତକ ପ୍ରେମୀ ବିଭିନ୍ନ ପ୍ରକାରର ପୁସ୍ତକ ବିଷୟରେ ଜାଣିବାକୁ ପାଇବା ସହ ଅତିଥି ପ୍ରଫେସରମାନଙ୍କ ସହ ଆଲୋଚନା କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ବହି ପଢ଼ିବା କିଭଳି ଚିନ୍ତାଧାରାକୁ ସମୃଦ୍ଧ କରେ ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣେ, ସେ ବିଷୟରେ ସବିଶେଷ ଚର୍ଚ୍ଚା ହୋଇଥିଲା। କଟକ ନେତାଜୀ ବସ୍ ଟର୍ମିନାଲ ପରିସରରେ ଥିବା ଏହି ପୁସ୍ତକାଳୟରେ ଆୟୋଜିତ ଏହି ସମାବେଶଟି ପାଠକମାନଙ୍କ ମଧ୍ୟରେ ଥିବା ସୃଜନଶୀଳତା ଯୋଗୁଁ ଆହୁରି ଜୀବନ୍ତ ହୋଇଉଠିଥିଲା।

## ଶିଶୁସୁଲଭ ରଥଯାତ୍ରା ନିମନ୍ତେ ସମନ୍ୱୟ ବୈଠକ



ପୁରୀ,:ରଥଯାତ୍ରାରେ ଶିଶୁ ଅଧିକାର ସୁରକ୍ଷା ଏବଂ ଶିଶୁ ସୁଲଭ ରଥଯାତ୍ରା ରୂପେ ପାଳନ କରିବା ନିମନ୍ତେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ପ୍ରଶାସନଙ୍କ ମିଳିତ ପ୍ରୟାସରେ ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ପୁରୀ ଠାରେ ଏକା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ବବିତା ପାତ୍ର ଅଧକ୍ଷା, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷତା କରିଥିଲେ। ସଦସ୍ୟା ମନସ୍ମିତା ଖୁଣ୍ଟିଆ ଯୋଗ ଦେଇଥିବାବେଳେ ଶରତ ଚନ୍ଦ୍ର ବେହେରା ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆନ୍ତଃ ବିଭାଗୀୟ ସମନ୍ୱୟ ସହିତ ଜନ ସଚେତନତା, ସୂଚନା, ଶିକ୍ଷା ପ୍ରସାରଣ ଏବଂ ଶିଶୁ ଉଦ୍ଧାର କାର୍ଯ୍ୟରେ ଆଇନ ଗତ ଦୃଷ୍ଟିରେ ଶିଶୁମାନଙ୍କର ସୁରକ୍ଷା କରିବାକୁ ଅଧକ୍ଷ ପରାମର୍ଶ ଦେଇଥିଲେ। ରଥଯାତ୍ରା ସମନ୍ୱୟ ଶିଶୁ ସୁରକ୍ଷା ବିଭାଗର ସମସ୍ତ ଉପବିଭାଗ ଯଥା ଚାଇଲ୍ଡ ହେଲ୍ପଲାଇନ, ଶିଶୁମଙ୍ଗଳ ସମିତି, ଜିଲ୍ଲା ଶିଶୁ ସୁରକ୍ଷା ଶାଖା ପ୍ରମୁଖ କାର୍ଯ୍ୟ କରିବେ। ଏହା ସହିତ ଜିଲ୍ଲା ଶ୍ରମ ବିଭାଗ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରି ଶିଶୁ ଶ୍ରମ ଉଦ୍ଧାର ଓ ଥାଇଥାନ କରିବେ। ସାମାଜିକ ସୁରକ୍ଷା ବିଭାଗ ଭିକ୍ଷାବୃତ୍ତିରେ ନିୟୋଜିତ ହେଉଥିବା ଶିଶୁମାନଙ୍କର ଉଦ୍ଧାରରେ ସହଯୋଗ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଛାଡ଼ିଥିବା ଶିଶୁମାନଙ୍କର ଘରକୁ ଯାଇ ତାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସବୁ ପ୍ରୟାସ କରିବେ। ୟୁନିସେଫ ସହିତ ମିଳିତ ପ୍ରୟାସରେ ଏଥର ରଥଯାତ୍ରାରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜନ କରାଯିବା ସହିତ ଶିଶୁଯତ୍ନ ଅନୁଷ୍ଠାନଗୁଡ଼ିକରେ ଶିଶୁମାନଙ୍କ ଥଇଥାନ ଓ ସେବା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହା ସହିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସୂଚନା କେନ୍ଦ୍ର ସଂଲଗ୍ନରେ ଶିଶୁ ସହାୟତା କକ୍ଷ ରଖାଯିବ ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ଗଣମାଧ୍ୟମ ସହଯୋଗରେ ଜନସଚେତନତା କରାଯିବ। ସେହିପରି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏହି ସମୟରେ ଜିଲ୍ଲାରେ ବାଲ୍ୟବିବାହ ଉପରେ ତୀକ୍ଷ୍ଣ ନଜର ରଖିବେ ଓ ଆକ୍ସନ ପ୍ଲାନ କରି କାର୍ଯ୍ୟ କରିବେ। ଶିଶୁଙ୍କ ଜରୁରୀ ସ୍ୱାସ୍ଥ୍ୟ ସୁବିଧା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଯତ୍ନବାନ ହେବେ। ଏହା ସହିତ ସବୁ ଥାନା ଗୁଡିକ ସହିତ ସଂଯୋଗ ସ୍ଥାପନ କରି ଶିଶୁ ମାନଙ୍କ ସମସ୍ୟା ସହିତ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଅଧକ୍ଷା ନିର୍ଦ୍ଦେଶ ଦେଇଥିଲେ। ସେହିପରି ରେଳଯାତ୍ରା କରୁଥିବା ଶିଶୁମାନଙ୍କ ଗତିବିଧି ଉପରେ ରେଳ ଚାଇଲଡ ହେଲ୍ପଲାଇନ, ଜି ଆର ପି , ଆର ପି ଏଫ୍ ଥାନା ମିଳିତ ଭାବେ କାର୍ଯ୍ୟ କରିବେ। ଯେପରି ଜନସାଧାରଣ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ବେଆଇନ ହସ୍ତାନ୍ତର ନକରି ଶିଶୁ ମଙ୍ଗଳ କମିଟି କିମ୍ବା ଶିଶୁ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ପୋଲିସଙ୍କ ନଜରକୁ ଆଣିବେ। ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮ କୁ ଫୋନ କରିବାକୁ ବ୍ୟାପକ ଜନସଚେତନତା କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ

ପାରଳାଖେମୁଣ୍ଡି,:ଗଜପତି ଜିଲ୍ଲାରେ ଗୁଣି ସନ୍ଦେହରୁ ଏକ ଗ୍ରାମର ମଝିରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରି ବାନ୍ଧି ରଖିଥିବା ବେଳେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛ। ଘଟଣା ଘଟିଛି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ରୁମ୍ବାତିନ ଗ୍ରାମରେ। ଏନେଇ ସେରଙ୍ଗ ଥାନାରେ ଥାନରେ ଅଭିଯୋଗ ପରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଜନୈକ ବ୍ୟକ୍ତିଙ୍କ ମାଆ ଏବଂ ପୁଅର ଦୀର୍ଘ ଦିନ ଧରି ଅସୁସ୍ଥ ରହିଥିଲେ। ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନା ନେଇଥିଲେ ପରିବାର ଲୋକ ।ମାତ୍ର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଲା ନାହିଁୟ ଏନେଇ ପରିବାର ଲୋକ ପଡ଼ିଶା ଘରେ ରହୁଥିବା ଜଣେ ବୃଦ୍ଧଙ୍କୁ ଗୁଣିଗାରେଡି କରିଥିବା ସନ୍ଦେହରେ ମରଣାନ୍ତକ ଆକ୍ରମଣ କରି ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଖବର ପାଇ ସେରଙ୍ଗ ସେ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ।

## ବିଧବା ଭତ୍ତା କେବେ ମିଳିବ ଗୁରୁବାରୀ ଜାନୀଙ୍କୁ

ରାଇଘର ବ୍ଲକ(ମହାଭାରତ)ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ଥିବା ସତ୍ତ୍ୱେ ଯୋଗ୍ୟ ହିତାଧିକାରୀମାନେ ଏପର୍ଯ୍ୟନ୍ତ ସୁବିଧା ରୁ ବଞ୍ଚିତ। ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀ ମାନଙ୍କ କାର୍ଯ୍ୟ ଅବହେଳା ଯୋଗୁଁ ବହୁ ଗରିବ ଅସହାୟ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇ ରହିଥିବା ଦେଖିବାକୁ ମିଳିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାଇଘର ବ୍ଲକ ଅନ୍ତର୍ଗତ



ଯୋଡିଙ୍ଗା ପଞ୍ଚାୟତ ଅଧିନରେ ଥିବା ନୂଆଗାଁ ର ଗୁରୁବାରୀ ଜାନୀ (୫୭) ବିଧବା ଭତ୍ତା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଭତ୍ତା ପାଇନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ,ସ୍ୱାମୀଙ୍କ ମୃତ୍ୟୁ କୁ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଭତ୍ତା ପାଇବାରୁ ସେ ବଞ୍ଚିତ ରହିଛନ୍ତି ।ବାରମ୍ବାର ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇ ଆବେଦନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କ ନାମ ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭତ୍ତା ମିଳିନାହିଁ ।ଆର୍ଥିକ ଅସୁବିଧାରେ ଜୀବନ ବିତାଉଥିବା ଗୁରୁବାରୀ ଜାନୀଙ୍କୁ ଶୀଘ୍ର ବିଧବା ଭତ୍ତା ପ୍ରଦାନ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନଙ୍କୁ ଦାବି କରିଛନ୍ତି।

## ନାବାଳିକା ଶାଳୀକୁ ଗର୍ଭବତୀ କରି ଭିଣୋଇ ଗିରଫ

ପାରଳାଖେମୁଣ୍ଡି,:ଗଜପତି ଜିଲ୍ଲା ଗାରାବନ୍ଧ ଥାନା ରାୟଗଡ ବ୍ଲକ ଅନ୍ତର୍ଗତ ସାନ ଅନତାରସିଂ ଗ୍ରାମର ଜଣେ ବିବାହିତ ଯୁବକ ନିଜର ନାବାଳିକା ଶାଳୀକୁ ଗର୍ଭବତୀ କରିଥିବା ଅଭିଯୋଗରେ ଗିରଫ ହୋଇଥିବାର ଜଣାପଡିଛି । ଏନେଇ ଗାରାବନ୍ଧ ଥାନାରେ ପୀଡିତା ନାବାଳିକା ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି ପୀଡିତାଙ୍କ ଭିଣୋଇଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗାରାବନ୍ଧ ପୁଲିସର ସୁଚନା ପ୍ରକାରେ ସାନ ଅନତାରସିଂ ଗ୍ରାମର ପ୍ରମୋଦ ଶବର (୨୫) ତାଙ୍କ ୧୭ ବର୍ଷିୟ ଶାଳିଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ସ୍ଥାପନ କରି ଆସୁଥିଲେ । ଭିଣୋଇଙ୍କ ପ୍ରଲୋଭନରେ ପଡି ଶାଳୀ ଜଣକ ଇତି ମଧ୍ୟରେ ୬ ମାସର ଗର୍ଭବତୀ ହୋଇଯାଇଥିଲେ । ତେବେ ଏସବୁ ଘଟଣା ଲୁଚାଛପାରେ ଚାଲିଥିବା ବେଳେ ନାବାଳିକାଙ୍କ ପରିବାର ଲୋକେ କୌଣସି ମତେ ଜାଣିପାରିଥିଲେ । ଯାହାପରେ ପ୍ରମୋଦଙ୍କ ବିରୁଦ୍ଧରେ ଗାରାବନ୍ଧ ଥାନାରେ ୧୭ ବର୍ଷିୟ ନାବାଳିକା ପୀଡିତା ଜଣକ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଗାରାବନ୍ଧ ଥାନାରେ ୫୦/୨୬ରେ ପକ୍ସୋ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ଧାରାରେ ମାମଲା ରୁଜୁ କରି ତଦନ୍ତ କରିଥିଲା ଗାରାବନ୍ଧ ପୁଲିସ ।

## ୪୫ କିଲୋ ଗଞ୍ଜେଇ ଜବତ,୩ ଗିରଫ



ପାରଳାଖେମୁଣ୍ଡି, ୪/୭

ଗଜପତି ଜିଲ୍ଲାରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବାବେଳେ ଅଡବା ପୋଲିସ ଦ୍ୱାରା ଦୁଇଟି ପୃଥକ ସ୍ଥାନରେ ପୋଲିସ ଚଢଉ କରି ୪୫ କେଜି ଗଞ୍ଜେଇକୁ ଜବତ କରିଛନ୍ତ। ଏହି ଘଟଣାରେ ପୋଲିସ ଚୋରାଚାଲାଣରେ ବ୍ୟବହୃତ ୨ ଗୋଟି ମୋଟର ସାଇକେଲକୁ ଜବତ କରିବା ସହ ୩ ଜଣକୁ ଗିରଫ କରିଛନ୍ତ। ଗଜପତି ଜିଲ୍ଲା ଅଡବା ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଚଢ଼ାଉ କରି ୪୫ କିଲୋ ଗଞ୍ଜେଇ ଜବତ କରିଛି ପୁଲିସ । ଏହି ଗଞ୍ଜେଇ ଜବତ ଘଟଣାରେ ୩ ଜଣକୁ ଗିରଫ କରାଯାଇଛି । ସେମାନେ ହେଲେ ବୁଢାଗାଁର କମଳ ମାଝୀ (୩୫), ବସନ୍ତ ମାଝୀ (୨୮) ଓ ଫାଉସ୍ଟିନ ମଲ୍ଲିକ (୩୫) ବୋଲି ଥାନା ଅଧିକାରୀ ସନ୍ତୋଷ ବିଷୋୟୀ କହିଛନ୍ତି। ପୁଲିସ ସୂତ୍ରରୁ ମିଳିଥିଲା ସୂଚନା ପ୍ରକାରେ ଗତକାଲି ଅଡବା ଥାନା ପୁଲିସ ପକ୍ଷରୁ ଜାଙ୍ଗୁଡ଼ି ଗାଁ ନିକଟରେ ପେଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଏକ ବାଇକ (ଓଡି ୦୭ ଭି ୯୨୯୯) ରେ ଜଣେ ଯୁବକ ଗୋଟିଏ ଜରି ବସ୍ତା ନେଇ ଯାଉଥିବା ବେଳେ ସନ୍ଦେହରେ ଯାଞ୍ଚ କରିଥିଲା ପୁଲିସ । ଯାଞ୍ଚ ପରେ ବୁଢାଗାଁର କମଳ ୨୨ କିଲୋ ଗଞ୍ଜେଇ ଚୋରାଚାଲାଣ କରୁଥିବା ଜଣାପଡିଥିଲା । ସେହିପରି ଖାରୀଗୁଡା ଗ୍ରାମ ନିକଟରେ ଅନ୍ୟ ଏକ ପୁଲିସ ଟିମ ପେଟ୍ରୋଲିଂ କରୁଥିଲେ ଓ ଏହି ସମୟରେ ଦୁଇ ଜଣ ଯୁବକ ଗୋଟିଏ ବାଇକ ( ଓଡି ୦୭ଏବି ୨୮୬୮) ରେ ଗୋଟିଏ ଜରି ବସ୍ତା ନେଇ ଯାଉଥିଲେ। ସନ୍ଦେହରେ ପୁଲିସ ଯାଞ୍ଚ କରିବା ପରେ ଏଥିରେ ୨୩ କିଲୋ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଜଣାପଡିଥିଲା ଓ ଉଭୟ ଘଟଣାରେ ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ ବିଷୋୟୀ ସୂଚନା ଦେଇଛନ୍ତି।

## ଡ଼ଃ ହୃଷୀକେଶ ଦାଶଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ପୋଲସରା:ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେଟର ଡ଼ଃ ହୃଷୀକେଶ ଦାଶ ଙ୍କୁ ଅଧକ୍ଷ ଡ଼ଃ ଦିଲ୍ଲୀପ କୁମାର ନାୟକ ଓ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀ ଙ୍କ ଉପସ୍ଥିତି ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡ଼ଃ ଦାଶ ଏକାଧାରରେ ଜଣେ ସରଳ, ନିଷ୍ପାପର ଏବଂ ଅମାୟିକ ବ୍ୟକ୍ତିତ୍ୱ ଭାବରେ ମହାବିଦ୍ୟାଳୟରେ ଦୀର୍ଘ ୩୮ ବର୍ଷ ୨ ମାସ ୧ ଦିନ ଶ୍ରମଦାନ କରି ଶେଷରେ ଅବସର ଗ୍ରହଣ କରିଛନ୍ତି। ସେ ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଭାବରେ ଓ ନିଜର ଉଚ୍ଚ କୋଟୀର ଶିକ୍ଷାଦାନ ଶୈଳୀ ମାଧ୍ୟମରେ ଛାତ୍ର ଛାତ୍ରୀ ଙ୍କୁ ପ୍ରାକଟିକାଲ ଶିକ୍ଷା ପ୍ରଦାନ ଭଳି ଗୁରୁଦାୟିତ୍ୱ ବହନ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ହସ୍ପିଟାଲରେ ଭର୍ତ୍ତି ହେଲେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ

ଥାଣେ : ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଛି । ଚିକିତ୍ସା ପାଇଁ ତାଙ୍କୁ ଥାଣେ ଜୁପିଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଉପରେ ଲଗାତାର ଡାକ୍ତରଙ୍କ ଦଳ ନଜର ରଖିଛନ୍ତି । ସୂଚନାନୁଯାୟୀ, ଗତକାଲିଠାରୁ ହାଲକା ଜ୍ୱର, ଆଳସ୍ୟ ଏବଂ ଶରୀରରେ ଯନ୍ତ୍ରଣା ଅନୁଭବ ହୋଇଥିଲା ବୋଲି ଅଭିଯୋଗ କରିଥିଲେ । ଡାକ୍ତରଙ୍କ ପରାମର୍ଶରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଯେଉଁଠାରେ ତାଙ୍କର ଲଗାତାର ଯାଞ୍ଚ କରାଯାଉଛି । ତାଙ୍କ ଅବସ୍ଥା ଥିବା ଥିବା ସୂଚନା ମିଳିଛି । ଏଥିସହ ଡାକ୍ତରୀ ଦଳ ତାଙ୍କ ଉପରେ ନଜର ରଖିଛନ୍ତି । ବର୍ତ୍ତମାନ ସିନ୍ଦେଙ୍କ ସମର୍ଥକମାନେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି । ସେପଟେ ଉଦ୍ଧବ ଠାକେରଙ୍କ ଶିବସେନା ଦଳର ୬ ଜଣ ବିଦ୍ରୋହୀ ସାଂସଦ ଏକନାଥ ସିନ୍ଦେଙ୍କ ସହ ମିଶି ସିନ୍ଦେ ଗୋଷ୍ଠୀରେ ସାମିଲ ହୋଇଥିଲେ । ଯାହା ମହାରାଷ୍ଟ୍ର ରାଜନୀତିରେ ହଇଚଇ ସୃଷ୍ଟି କରିଥିଲା । ଏହି ସମୟ ମଧ୍ୟରେ ଏକନାଥ ସିନ୍ଦେ ବହୁତ ଚର୍ଚ୍ଚାରେ ରହିଥିଲେ । ଏହା ଉଲ୍ଲେଖନୀୟ ଯେ, ଏକନାଥ ସିନ୍ଦେଙ୍କ ରାଜନୈତିକ କ୍ୟାରିଅର ବହୁତ ଆକର୍ଷଣୀୟ ହୋଇଛି । ସେ ପ୍ରଥମେ ଉଦ୍ଧବ ଠାକରେଙ୍କଠାରୁ ଅଲଗା ହୋଇ ନିଜର ଗୋଷ୍ଠୀ ଗଠନ କରିଥିଲେ । ପରେ କ୍ଷମତା ହାସଲ କରି ମୁଖ୍ୟମନ୍ତ୍ରୀ ହୋଇଥିଲେ । ପରେ ବିଧାନସଭା ନିର୍ବାଚନରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଥିଲା । ସେ ଜଣେ ଦକ୍ଷ ଏବଂ କ୍ଷମତାଶୀଳ ବ୍ୟକ୍ତି ହୋଇଥିବାରୁ ବହୁ ସଂଖ୍ୟକ ନେତା ଓ କର୍ମୀ ଶିବସେନା ସିନ୍ଦେଙ୍କ ଦଳରେ ସାମିଲ ହୋଇଛନ୍ତି ।

## ଟିଏମ୍‌ସି ଅଫିସ୍ ଉପରେ ବିଦ୍ରୋହୀ ଗୋଷ୍ଠୀଙ୍କର କେଣସି ଦାବି ନାହିଁ : ମମତା

କୋଲକାତା: କୋଲକାତା ସ୍ଥିତ ତୃଣମୂଳ କଂଗ୍ରେସର ମୁଖ୍ୟାଳୟକୁ ଗତକାଲି ବିରୋଧୀ ଦଳ ନେତା ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ ଦଖଲ କରିବା ପରେ ଦଳର ସାଂଗଠନିକ ନିୟନ୍ତ୍ରଣକୁ ନେଇ ଲଢ଼େଇ ଜୋରଦାର ହୋଇଛି। ଏହି ଘଟଣାରେ ଆଜି ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ତାଙ୍କ ଗୋଷ୍ଠୀର ଦାବିକୁ ସମର୍ଥନ କରିଛନ୍ତି। ଏକ ଫେସବୁକ୍ ଲାଇଭ ସେସନ୍‌ରେ ବାନାର୍ଜୀ କହିଛନ୍ତି, ପାର୍ଟି ଅଫିସ୍‌କୁ ୨୦୨୭ ପର୍ଯ୍ୟନ୍ତ ଆଇନଗତ ଭାବେ ଲିଜ୍‌ରେ ନିଆଯାଇଛି। ଏହା ଏକ ଅନୁଷ୍ଠାନର ସମ୍ପତ୍ତି। ଏହା କେଣସି ବ୍ୟକ୍ତିଙ୍କ ସମ୍ପତ୍ତି ନୁହେଁ। ଆମେ ପ୍ରତି ମାସରେ ଭଡ଼ା ଦେଉଛୁ। ରକ୍ଷଣାବେକ୍ଷଣ, ବିଦ୍ୟୁତ ବିଲ୍ , ଟିକସ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଆମେ ପ୍ରତି ମାସରେ ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛୁ। ମମତା କହିଛନ୍ତି, କାହା ବିରୋଧରେ ତାଙ୍କର କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ। କିନ୍ତୁ ନ୍ୟାୟିକ କାଗଜପତ୍ର ଏବଂ ଚୁକ୍ତି ଆଧାରରେ ପାର୍ଟି ଅଫିସ୍ ସଂକ୍ରାନ୍ତ ବିବାଦର ସମାଧାନ ହେବା ଉଚିତ। ଉଲ୍ଲେଖଯୋଗ୍ୟ ଯେ ଗତକାଲି ରତବ୍ରତ ବାନାର୍ଜୀଙ୍କ ଗୋଷ୍ଠୀ କୋଲକାତା ସ୍ଥିତ ଟିଏମ୍‌ସି ମୁଖ୍ୟାଳୟରେ ପଶିଥିଲେ। ସେମାନେ ଅଫିସ୍ ଗେଟ୍‌ର ତାଲା ବଦଳାଇ ଥିଲେ ଏବଂ ବାହାରେ ବିଦ୍ରୋହୀ ଗୋଷ୍ଠୀର ପୋଷ୍ଟର ଲଗାଇଥିଲେ। ଅନ୍ୟପକ୍ଷେ ଅଫିସ୍ ଭିତରୁ ମମତାଙ୍କ ପୋଷ୍ଟର୍ ଏବଂ କଟଆଉଟ୍ ସବୁ କାଢ଼ି ଦେଇ ଅଫିସ୍ ଭିତରେ ଏକ ବୈଠକ କରିଥିଲେ। ଅନ୍ୟପକ୍ଷେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ବିଦ୍ରୋହୀ ଗୋଷ୍ଠୀର ନେତାଙ୍କୁ ସିଧାସଳଖ ବିଜେପିରେ ଯୋଗ ଦେବାପାଇଁ ଚ୍ୟାଲେଞ୍ଜ କରିଛନ୍ତି। ମମତା କହିଛନ୍ତି, ଯଦି ସାହସ ଅଛି ମୋ ବିରୋଧରେ ସିଧାସଳଖ ଲଢ଼। ମମତା ଅଭିଯୋଗ କରିଛନ୍ତି ଯେ ଟିଏମ୍‌ସିରେ ଅସନ୍ତୋଷ ବଢ଼ାଇବା ପାଇଁ ବିଜେପି ସେମାନଙ୍କୁ ବ୍ୟବହାର କରୁଛି। ବିଦ୍ରୋହର ସମୟକୁ ନେଇ ମମତା ପ୍ରଶ୍ନ ଉଠାଇଛନ୍ତି। ମମତା କହିଛନ୍ତି, ଆପଣମାନେ ଏହାକୁ ବିଦ୍ରୋହ କହୁଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଏହି ବିଦ୍ରୋହ କେଉଁଠି ଥିଲା। ଗତ ୧୫ ବର୍ଷ ମଧ୍ୟରେ ଟିଏମ୍‌ସି ଟିକେଟ୍‌ରେ ବିଧାୟକ ଏବଂ ସାଂସଦ ହେବା ବେଳେ ଏହି ବିଦ୍ରୋହ କେଉଁଠି ଥିଲା।

## 'କକ୍ରୋଚ ଜନତା ପାର୍ଟି'ର ପ୍ରତିବାଦକୁ ସମର୍ଥନ କଲେ ମହୁଆ ମୋଇତ୍ରା

ନୂଆଦିଲ୍ଲୀ : ତୃଣମୂଳ କଂଗ୍ରେସ (ଟିଏମସି) ଏମପି ମହୁଆ ମୋଇତ୍ରା ଶୁକ୍ରବାର ଜନ୍ତରମନ୍ତରରେ ଚାଲିଥିବା ପ୍ରତିବାଦରେ ଯୋଗ ଦେଇ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ସ୍ୱର ଉଠାଇଥିଲେ। ଶିକ୍ଷା ବ୍ୟବସ୍ଥାରେ ଦାୟିତ୍ୱ ଦାବି କରି ଏବଂ କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ଚାହୁଁଥିବା ୱାଙ୍ଗଚୁକ ଅନଶନରେ ବସିଛନ୍ତି। ପ୍ରତିବାଦକାରୀମାନଙ୍କୁ ସମ୍ବୋଧିତ କରି ମୋଇତ୍ରା କେନ୍ଦ୍ର ସରକାରଙ୍କ ଉପରେ ଏକ କଠୋର ଆକ୍ରମଣ କରିଥିଲେ, କହିଥିଲେ ଯେ ଏହା କ୍ଷମତାରେ ନିଶାଗ୍ରସ୍ତ ଏବଂ ଏହା ଚାରିପାଖରେ ଘଟୁଥିବା ଘଟଣାବଳୀ ପ୍ରତି ଅନ୍ଧ। ମୋଇତ୍ରା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ଏକ୍ସରେ ଲେଖି ସେ କହିଥିଲେ ଯେ ତାଙ୍କ ଜନ୍ମଦିନ କେକ ଆମ ପିଲାମାନଙ୍କ ରକ୍ତରୁ ତିଆରି ହୋଇପାରିବ ନାହିଁ। ସେ ଛାତ୍ରମାନଙ୍କୁ ନିଜକୁ ଲେବଲ ହେବାକୁ ନ ଦେବାକୁ ଅନୁରୋଧ କରିଥିଲେ, ସେମାନଙ୍କର ଏକମାତ୍ର ଲେବଲ 'ହିନ୍ଦୁସ୍ତାନୀ' ବୋଲି ଜୋର ଦେଇ। ସେ ସେମାନଙ୍କୁ ହାର ନ ମାନି ନିଜ ଉଦ୍ଦେଶ୍ୟ ପ୍ରତି ସତ୍ୟ ରହିବାକୁ ଉତ୍ସାହିତ କରିଥିଲେ, 'ଜୟ ହିନ୍ଦ' ସହିତ ଶେଷ କରିଥିଲେ। ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ ସରକାର କଥିତ ପେପର୍ ଲିକ ଏବଂ ପରୀକ୍ଷା-ସମ୍ବନ୍ଧୀୟ ବିବାଦ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ଉପଯୁକ୍ତ ସମାଧାନ କରିବାରେ ବିଫଳ ହୋଇଛି; ଫଳସ୍ୱରୂପ, ସେମାନେ ନିରନ୍ତର ପ୍ରତିବାଦ କରି ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି।

## ଲାଲୁ ଓ ରାବଡ଼ୀଙ୍କୁ ପୁଣି ମିଳିଲା 'ଜେଡ୍' ସୁରକ୍ଷା

ପାଟନା: ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଶନିବାର ବିହାରର ଏନ୍‌ଡିଏ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। 'ଜେଡ୍' ଶ୍ରେଣୀର ସୁରକ୍ଷା ପ୍ରତ୍ୟାହାର କରିବା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ରାବଡ଼ୀ ଦେବୀଙ୍କୁ ୧୦ ସର୍କୁଲାର ରୋଡ ବାସଭବନରୁ ବାହାର କରିବାକୁ ନେଇ ପ୍ରଶାସନ ବଡ଼ ଭୁଲ୍ କରିଛି ବୋଲି ଲାଲୁ କହିଛନ୍ତି। ରାଜ୍ୟ ସରକାର ଉଭୟ ଲାଲୁ ପ୍ରସାଦ ଓ ପତ୍ନୀ ରାବଡ଼ୀ ଦେବୀଙ୍କ ଜେଡ୍ ସୁରକ୍ଷା ପ୍ରତ୍ୟାହାର କରିନେଇଥିଲା। ଏହା ବଦଳରେ ସେମାନଙ୍କୁ ବିହାର ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ (ବିଏସ୍‌ଏପି) ସୁରକ୍ଷା ପ୍ରଦାନ କରିଥିଲା। ତେବେ ପ୍ରାୟ ମାସକ ପରେ ଶନିବାର ରାଜ୍ୟ ଗୃହ ବିଭାଗ ଏକ ବିଜ୍ଞପ୍ତି ଜାରି କରି ଦୁଇଜଣଙ୍କ ସୁରକ୍ଷା ବୃଦ୍ଧି କରି 'ଜେଡ୍' ବର୍ଗର ସୁରକ୍ଷା ପ୍ରଦାନ କରିଥିଲେ। ସେମାନଙ୍କ ପାଇଁ ବୁଲେଟ ପ୍ରୁଫ୍ ଗାଡ଼ି ବ୍ୟବସ୍ଥା ମଧ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରି ଲାଲୁ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ, ସରକାର ବଡ଼ ଭୁଲ୍ କରିଥିଲେ। ଏବେ ସରକାର ତାଙ୍କ ନିଷ୍ପତ୍ତିରୁ ପଛକୁ ହଟିଛନ୍ତି। ଅନ୍ୟପକ୍ଷରେ ରାବଡ଼ୀ ଓ ତାଙ୍କ ପରିବାର ପ୍ରାୟ ଦୁଇ ଦଶନ୍ଧି ପରେ ଗୁରୁବାର ୧୦ ସର୍କୁଲାର ବାସଭବନ ଛାଡ଼ିଥିଲେ। ରାବଡ଼ୀ ବର୍ତ୍ତମାନ ରାଜ୍ୟ ବିଧାନ ପରିଷଦରେ ବିରୋଧୀ ଦଳ ନେତା ଅଛନ୍ତି। ଏହି ବାସଭବନ ଏନ୍‌ଡିଏ ସରକାରରେ ମନ୍ତ୍ରୀ ଥିବା ନନ୍ଦ କିଶୋର ଯାଦବଙ୍କୁ ବଣ୍ଟନ କରାଯାଇଛି।

# ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କୁ ଦ୍ୱିତୀୟ ଥର ଜେରା



ଅଯୋଧ୍ୟା: ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପାଣ୍ଠି ଆତ୍ମସାତ ଓ ଦୁର୍ନୀତି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଏହି କ୍ରମରେ ଏସ୍‌ଆଇଟି ଟ୍ରଷ୍ଟର ପୂର୍ବତନ ସାଧାରଣ ସମ୍ପାଦକ ଚମ୍ପତ ରାୟ, ପୂର୍ବତନ ଟ୍ରଷ୍ଟି ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ଦ୍ୱିତୀୟ ଥର ପାଇଁ କଠୋର ଜେରା କରିଛି। ସୂଚନାଯୋଗ୍ୟ, ମନ୍ଦିର ପାଣ୍ଠି ହେରଫେର ଅଭିଯୋଗ ସାମ୍ନାକୁ ଆସିବା ପରେ ଏହି ତିନିଜଣ ଯାକ ପଦାଧିକାରୀ ନିଜ ନିଜ ପଦବିରୁ ଇସ୍ତଫା ଦେଇସାରିଛନ୍ତି। ଜେରା ସମୟରେ ଏସ୍‌ଆଇଟି ଏହି ତିନି ପୂର୍ବତନ ଅଧିକାରୀଙ୍କ ବ୍ୟକ୍ତିଗତ ସମ୍ପତ୍ତି ଏବଂ ଆୟର ଉତ୍ସ ବାବଦରେ ପଚରାଉଚରା କରିଛି। ସେମାନଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ମଗାଯିବା ସହ ଏହା ସମ୍ପର୍କିତ ସମସ୍ତ ଆଇନଗତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିର ନିର୍ମାଣ ଏବଂ ଜମି କିଣାବିକା ସମୟରେ ନିଆଯାଇଥିବା କମିସନ ଏବଂ କେତେକ ବ୍ୟକ୍ତିଙ୍କୁ ବେଆଇନ ଭାବେ ଅନୁଗ୍ରହ ପ୍ରଦାନ କରାଯାଇଥିବା ଅଭିଯୋଗର ମଧ୍ୟ ତଦନ୍ତ ଚାଲିଛି। ଏହି ପ୍ରସଙ୍ଗରେ ବିଶେଷ କରି ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ମାରାଥନ ଜେରା ହୋଇଛି। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ଅବିନାଶ ଶୁକ୍ଳା ପୁଲିସ ଆଗରେ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି କରିଛି। ଅବିନାଶର କହିବା ଅନୁଯାୟୀ, ମନ୍ଦିର ପାଣ୍ଠିରୁ ଚୋରି କରାଯାଇଥିବା ଟଙ୍କାକୁ ସେ ଏବଂ ତା'ର ସହଯୋଗୀମାନେ ମନ୍ଦିର ନିକଟରେ ଥିବା ଏକ ପାର୍କରେ ଭାଗ କରିଥିଲେ। ଏହି ତଥ୍ୟ ଆଧାରରେ ଶୁକ୍ରବାର ନ ତଦନ୍ତକାରୀ ଦଳ ଅଭିଯୁକ୍ତକୁ ୧୪ କୋଶୀ ପରିକ୍ରମା ମାର୍ଗରେ ଥିବା ଭିକାପୁର ନିକଟସ୍ଥ ସେହି ନିର୍ଦ୍ଦିଷ୍ଟ ପାର୍କକୁ ନେଇ ସିନ୍ ରିକ୍ରିଏସନ୍ (ଘଟଣାର ପୁନରାବୃତ୍ତି) କରିଥିଲେ। ଅନ୍ୟପକ୍ଷରେ, ଏସ୍‌ଆଇଟି ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ କଠୋର ଜେରା କରିଛି। କେବଳ ସୁରକ୍ଷା ଦାୟିତ୍ୱ ପାଇଁ ନିୟୋଜିତ ହୋଇଥିବା ଏକ ବେସରକାରୀ ସୁରକ୍ଷା ସଂସ୍ଥାର କର୍ମଚାରୀମାନଙ୍କୁ କେଉଁ ଆଧାରରେ ନଗଦ ଟଙ୍କା ଗଣିବା ଭଳି ଅତ୍ୟନ୍ତ ସ୍ପର୍ଶକାତର ତଥା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟରେ ଲଗାଯାଇଥିଲା, ସେ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜବାବ ମଗାଯାଇଛି। ଦୁର୍ନୀତିରେ ଲିପ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଦୃଢ଼ ବିଭାଗୀୟ ତଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭାବନା ରହିଛି।

## ଖାମେନିଙ୍କ ଅନ୍ତିମ ବିଦାୟରେ ଭାବପ୍ରବଣ ହେଲେ ଗାଲିବାଫ ଓ ଆରାଘଚି



ଇରାନ୍ : ଇରାନର ଲୋକପ୍ରିୟ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖାମନେଇଙ୍କ ବିଦାୟକାଳୀନ ସଭାରେ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା । ଅନ୍ତିମ ବିଦାୟ ସମୟରେ ଗାଲିବାଫ ହାତ ଯୋଡ଼ି ପ୍ରାର୍ଥନା କରିଥିଲେ ଭାବପ୍ରବଣ ହୋଇଯାଇଥିଲେ । ଆମେରିକା ସହିତ ଆଲୋଚନାରେ ଇରାନର ମୁଖ୍ୟ ଆଲୋଚକ ଗାଲିବାଫଙ୍କୁ ବୈଦେଶିକ ମନ୍ତ୍ରୀ ସେୟଦ ଆବାସ୍ ଆରାଘଚି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଠିଆ ହୋଇଥିବାର ଦେଖାଯାଇଥିଲା। ଖାମେନିଙ୍କ ବିଦାୟକାଳୀନ ସଭା ପାଇଁ ଲୋକମାନେ ଏକାଠି ହେବା ସମୟରେ ଆରାଘଚି ମଧ୍ୟ ଭାବପ୍ରବଣ ହୋଇଥିବା ଦେଖିବାକୁ ମିଳିଥିଲା । ଖାମନେଇ ପ୍ରାୟ ୩୬ ବର୍ଷ ଧରି ଇସଲାମିକ୍ ଗଣରାଜ୍ୟ ଇରାନରେ ଶାସନ କରିଥିଲେ । ଶୁକ୍ରବାର ଦିନ ଖାମେନିଙ୍କ କଫିନକୁ ତେହେରାନର ଗ୍ରାଣ୍ଡ ମୋସାଲ୍ଲାକୁ ଅଣାଯାଇଥିଲା । ତାଙ୍କ କଫିନକୁ ରିପବ୍ଲିକ ରଙ୍ଗରେ ଘୋଡାଯାଇଥିଲା । ସର୍ବୋଚ୍ଚ ନେତାଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଲୋକମାନଙ୍କୁ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗାଲିବାଫ ନିବେଦନ କରିଥିଲେ । ସେ କହିଥିଲେ, ପ୍ରତିଶୋଧ ପାଇଁ ଦେଶର ଆହ୍ୱାନ ସମଗ୍ର ବିଶ୍ୱ ଶୁଣିବାକୁ ପଡିବ । ଖାମେନିଙ୍କ ୬ ଦିନିଆ ଅନ୍ତିମ ବିଦାୟ କାର୍ଯ୍ୟକ୍ରମରେ ପ୍ରାୟ ୧୫ ରୁ ୨୦ କୋଟି ଲୋକଙ୍କ ସମାଗମ ହେବାର ଆଶା କରାଯାଉଛି । ଯାହା ଦ୍ୱାରା ସାରା ଦେଶରେ ବିଶେଷ କରି ରାଜଧାନୀ ତେହେରାନରେ ଉଚ୍ଚ ସୁରକ୍ଷା ସତର୍କତା ଜାରି କରାଯାଇଛି । ସୋମବାର ଦିନ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ । ଏହା ପରେ ଇରାନର ସିଆ ଇସଲାମିକ ଶିକ୍ଷାର ପ୍ରମୁଖ କେନ୍ଦ୍ର ତେହେରାନରୁ ପ୍ରାୟ ୧୪୦ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ପବିତ୍ର କୋମ ସହରଠାରେ ଆଉ ଏକ ଶୋଭାଯାତ୍ରା ହେବ । ଜୁଲାଇ ୯ ତାରିଖରେ, ଶୋଭାଯାତ୍ରାଟି ଖାମେନିଙ୍କ ଜନ୍ମସ୍ଥାନ ପବିତ୍ର ସହର ମାଶାଦକୁ ଯିବ। ଯେଉଁଠାରେ ତାଙ୍କୁ ଇମାମ ରେଜା ମଠାରେ କବର ଦିଆଯିବ। ପଡ଼ୋଶୀ ଇରାକର ଐତିହାସିକ ପବିତ୍ର ସହର ନଜଫ ଏବଂ କାରବାଲାରେ ମଧ୍ୟ ସ୍ମାରକୀ ସେବା ଅନୁଷ୍ଠିତ ହେବ ।

## ପୁଣି ଟେଲିଗ୍ରାମକୁ ସରକାରଙ୍କ ନୋଟିସ୍

ନୂଆଦିଲ୍ଲୀ : ମେସେଜିଂ ପ୍ଲାଟଫର୍ମ ଟେଲିଗ୍ରାମରେ ସିନେମା ଏବଂ ଓଟିଟି ପ୍ଲାଟଫର୍ମରୁ ପାଇରେଟେଡ୍ ବିଷୟବସ୍ତୁ ପ୍ରସାରଣକୁ ନେଇ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏହି ମାମଲାରେ କେନ୍ଦ୍ର ସରକାର ଟେଲିଗ୍ରାମକୁ ଏକ ନୋଟିସ୍ ଜାରି କରିଛନ୍ତି । କପି ରାଇଟ୍ ଉଲ୍ଲଂଘନ କରୁଥିବା ଚ୍ୟାନେଲ ଏବଂ କଣ୍ଟେଣ୍ଟ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁଯାୟୀ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପାଇରେଟେଡ୍ ଚଳଚ୍ଚିତ୍ର ଏବଂ ଓଟିଟି ବିଷୟବସ୍ତୁର ପ୍ରସାରକୁ ରୋକିବା ପାଇଁ ତୁରନ୍ତ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ଟେଲିଗ୍ରାମକୁ ନିର୍ଦ୍ଦେଶ ଦେଇଛି । ଏଥିସହ ମନ୍ତ୍ରଣାଳୟ ଟେଲିଗ୍ରାମକୁ ୧୫ ଦିନ ମଧ୍ୟରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଛି । ଏହି ରିପୋର୍ଟରେ ନୋଟିସ୍ ପାଇବା ପରଠାରୁ ପାଇରେସି ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକ ବିସ୍ତୃତ ବିବରଣୀ ରହିବ । ଓଟିଟି ବିଷୟବସ୍ତୁର ଅବୈଧ ଅନଲାଇନ୍ ପ୍ରସାରଣ ଏବଂ ଚଳଚ୍ଚିତ୍ରଗୁଡ଼ିକର ଅବୈଧ କପି ଚଳଚ୍ଚିତ୍ର ଶିଳ୍ପ, ଟିଭି ପ୍ରସାରଣକାରୀ, ଓଟିଟି ପ୍ଲାଟଫର୍ମ, ଫିଲ୍ମ ପ୍ରଡ୍ୟୁସର ଏବଂ ଡିଷ୍ଟ୍ରିବ୍ୟୁଟରକମାନଙ୍କୁ ଯଥେଷ୍ଟ ଆର୍ଥିକ କ୍ଷତି ପହଞ୍ଚାଏ । ତେଣୁ କପିରାଇଟ୍ ନିୟମ ଉଲ୍ଲଂଘନ କରୁଥିବା ବିଷୟବସ୍ତୁ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ । ଯାହା ଅନଲାଇନ୍ ପାଇରେସି ଦ୍ୱାରା ହେଉଥିବା କ୍ଷତିକୁ ରୋକିବାର ଉଦ୍ଦେଶ୍ୟ । ଅନ୍ୟପଟେ ଯଦି ଟେଲିଗ୍ରାମ ସମୟ ମଧ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନନିଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ତଥାପି, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ କିମ୍ବା ଟେଲିଗ୍ରାମ ପକ୍ଷରୁ ଏ ବିଷୟରେ କୌଣସି ସରକାରୀ ସାର୍ବଜନୀନ ବିବୃତ୍ତି ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ ।




## ମୋଦି ସରକାରଙ୍କ ବଡ଼ ଆକ୍ସନ, ୨୩ ଜଣ ଆତଙ୍କବାଦୀ ତାଲିକା କଲେ ଘୋଷଣା



ନୂଆଦିଲ୍ଲୀ : ଭାରତ ସରକାର ଟଇଚଇ ଅଧୀନରେ ୨୩ ଜଣଙ୍କୁ ଆତଙ୍କବାଦୀ ଘୋଷଣା କରିଛନ୍ତି । ଏହି ସମ୍ପର୍କରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଆଜି ଗେଜେଟ୍ ବିଜ୍ଞପ୍ତି ଜାରି କରିଛି । ଏହି ବିଜ୍ଞପ୍ତିରେ ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୈବା ସହିତ ଜଡିତ ଅନେକ ପାକିସ୍ତାନଭିତ୍ତିକ ଆତଙ୍କବାଦୀଙ୍କ ନାମ ସାମିଲ ରହିଛି । ଏହି ସମସ୍ତ ବ୍ୟକ୍ତି ନିଯୁକ୍ତି, ତାଲିମ, ପାଣ୍ଠି ଯୋଗାଣ, ଅସ୍ତ୍ରଶସ୍ତ୍ର ଯୋଗାଣ, ଅନୁପ୍ରବେଶ ଏବଂ ଆତଙ୍କବାଦୀ ଆକ୍ରମଣ କରିବା ଭଳି କାର୍ଯ୍ୟକଳାପରେ ସାମିଲ ରହିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ୨୩ ଜଣ ଆତଙ୍କବାଦୀଙ୍କ ଏହି ତାଲିକାରେ ମାସୁଦ ଇଲିଆସ୍ କାଶ୍ମୀରୀ କୁ ୨୦୨୨ ସୁଞ୍ଜୱାନ୍ ସେନା ଶିବିର ଆକ୍ରମଣ ପଛରେ ଥିବା ଷଡ଼ଯନ୍ତ୍ର ସହିତ ଜଡିତ କରାଯାଇଛି । ମହମ୍ମଦ ମୁସାଦିକ୍ ଉପରେ ସୁଞ୍ଜୱାନ୍ ଆକ୍ରମଣରେ ଅନୁପ୍ରବେଶ ଏବଂ ଆତଙ୍କବାଦୀ କାର୍ଯ୍ୟର ସମନ୍ୱୟ ପାଇଁ ଅଭିଯୋଗ କରାଯାଇଛି । ମୁଫତି ମହମ୍ମଦ ଅସଗର ଖାନ୍ ମଧ୍ୟ ଏହି ତାଲିକାରେ ସାମିଲ ରହିଛନ୍ତି । ଯିଏ ୨୦୧୬ ନାଗ୍ରୋଟା ସେନା ଶିବିର ଆକ୍ରମଣ ସହିତ ଜଡିତ ଅନୁପ୍ରବେଶ ନେଟୱାର୍କର ମୁଖ୍ୟ ସଞ୍ଚାଳକ ବୋଲି କୁହାଯାଉଛି । ଏଥିସହ ଆତଙ୍କବାଦୀଙ୍କ ତାଲିକାରେ ହାଫିଜ୍ ଅବଦୁଲ୍ ଶକୁର ଅନ୍ତର୍ଭୁକ୍ତ । ଯାହା ଉପରେ ୨୦୧୬ ନାଗ୍ରୋଟା ଆକ୍ରମଣ ପୂର୍ବରୁ ସ୍ଥାନୀୟ ନେଟୱାର୍କ ସହିତ ଯୋଗାଯୋଗ ଏବଂ ଅନୁପ୍ରବେଶକୁ ସହଜ କରିବା ଅଭିଯୋଗ ରହିଛି। ଅବଦୁଲ୍ଲା ଜେହାଦି ଉପରେ ନାଗ୍ରୋଟା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ସହାୟତା କରିବା ଏବଂ ଅନେକ ଜେଇଏମ୍ ଶିବିର ପରିଚାଳନା କରିବାର ଅଭିଯୋଗ ରହିଛି । ଫିରଦୌସ୍ ଅହମ୍ମଦ ଭଟ୍ଟ ଯିଏ ଲସ୍କର-ଏ-ତୈବା ପାଇଁ ଲଞ୍ଚିଂ କମାଣ୍ଡର ଭାବରେ ମଧ୍ୟ ଚିହ୍ନଟ ହୋଇଛି ଏବଂ ଅନୁପ୍ରବେଶ ଏବଂ ଲଜିଷ୍ଟିକ୍ ସମର୍ଥନ ସହିତ ଜଡିତ । ବିଲାଲ ଅହମ୍ମଦ ମୀର, ଓରଫ ଅହମ୍ମଦ ଭାଇ ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ପରିଚାଳନା କରିବା ଏବଂ ଲସ୍କର-ଏ-ତୈବା ଏବଂ ଟିଆରଏଫ୍ କୁ ଅସ୍ତ୍ରଶସ୍ତ୍ର ଯୋଗାଇବାର ଅଭିଯୋଗ ରହିଛି ।

## ଭାରତର ଆର୍ଥିକ ବିକାଶକୁ ଟ୍ରମ୍ପଙ୍କ ପ୍ରଶଂସା



ନୂଆଦିଲ୍ଲୀ: ଭାରତର ଅର୍ଥନୈତିକ ବିକାଶକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି। ଭାରତ ଅତ୍ୟନ୍ତ ଭଲ ପ୍ରଦର୍ଶନ କରୁଛି ବୋଲି ସେ କହିଛନ୍ତି। ଗତବର୍ଷ ଜୁଲାଇ ମାସରେ ସେ ଭାରତକୁ ଏକ ମୃତ ଅର୍ଥନୀତି ବୋଲି କହିବା ପରେ ଏବେ ତାଙ୍କ ମତ ବଦଳାଇଛନ୍ତି। ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ସିଏନ୍‌ବିସିକୁ ଦେଇଥିବା ସାକ୍ଷାତ୍‌କାରରେ ଟ୍ରମ୍ପ କହିଛନ୍ତି କେତେକ ଦେଶ ଅଛନ୍ତି ଯେଉଁମାନଙ୍କର ଅର୍ଥନୀତି ଭଲ ପ୍ରଦର୍ଶନ କରୁଛି। ସେଥିରେ ଭାରତ ଅନ୍ୟତମ। ଭାରତର ଅଭିବୃଦ୍ଧି ୭ରୁ ୮ ପ୍ରତିଶତ ରହିଛି। ଆମେରିକାକୁ ଅଧିକ ହାରରେ ବଢ଼ିବାକୁ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସାକ୍ଷାତ୍‌କାର ସମୟରେ ସେ ଆମେରିକା ଅର୍ଥନୀତିର ସାମର୍ଥ୍ୟକୁ ଦର୍ଶାଇବା ସହିତ ସୁଧ ହାର ସମ୍ପର୍କରେ ଫେଡେରାଲ ରିଜର୍ଭର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ଏଥିପାଇଁ ଭାରତର ଉଦାହରଣ ଦେଇଥିଲେ। ଭଲ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରୁଥିବା ଦେଶଗୁଡ଼ିକରେ କଠୋର ମୁଦ୍ରାନୀତି ଗ୍ରହଣ କରି ତାହାକୁ ବ୍ୟାହତ ପହଞ୍ଚାଇବା ଅନାବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ୪ ପ୍ରତିଶତରେ ରହିବାର କୌଣସି କାରଣ ନାହିଁ। ଜିଡିପି ଅଭିବୃଦ୍ଧି ୧୨ରୁ ୧୩ ପ୍ରତିଶତ ହେବା ଆବଶ୍ୟକ। ତଥାପି ଆମେରିକା ସୁବର୍ଣ୍ଣ ଯୁଗରେ ରହିଛି। ପୂର୍ବାପେକ୍ଷା ଏବେ ଦେଶରେ ଅଧିକ କଳ କାରଖାନା ନିର୍ମାଣ ହେଉଛି। ନିଯୁକ୍ତି ରେକର୍ଡ ସ୍ତରରେ ରହିଛି।

# ଜାତୀୟ ପୁରୁଷ କମିସନ ଗଠନ କରିବାକୁ ରାଜ୍ୟସଭା ସାଂସଦଙ୍କ ଦାବି




ନୂଆଦିଲ୍ଲୀ: ରାଜ୍ୟସଭା ସାଂସଦ ତଥା ଲଭଲି ପ୍ରଫେସନାଲ ୟୁନିଭରସିଟି ପ୍ରତିଷ୍ଠାତା ଅଶୋକ କୁମାର ମିତ୍ତଲ ପୁଣି ଥରେ ଜାତୀୟ ପୁରୁଷ କମିସନ ଗଠନ କରିବାକୁ ଦାବି କରିଛନ୍ତି। ପୁଣେର ରିୟଲ ଇଷ୍ଟେଟ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାର ଉଦାହରଣ ଦେଇ ମିତ୍ତଲ ସଦ୍ୟତମ ଦାବି କରିଥିଲେ।

୨୬ ବର୍ଷୀୟ କେତନଙ୍କୁ ତାଙ୍କ ଭାବୀ ପତ୍ନୀ ଓ ତାଙ୍କ ପ୍ରେମିକ ଲୋହାଗଡ଼ ଦୁର୍ଗରୁ ଖାଇକୁ ଧକ୍କା ଦେଇ ହତ୍ୟା କରିଥିଲେ। ମିତ୍ତଲ ଏହି ମାମଲାକୁ ଅତି ବିଚଳିତ କରିଦେବା ପରି ମାମଲା ବୋଲି କହିବା ସହିତ ଡିସେମ୍ବର ୨୦୨୫ର ରାଜ୍ୟସଭା କାର୍ଯ୍ୟଧାରାର ଏକ ଭିଡିଓ ଜାରି କରିଥିଲେ। ସେ ରାଜ୍ୟସଭାରେ ଜାତୀୟ ମହିଳା କମିସନଙ୍କ ଆଧାରରେ ଜାତୀୟ ପୁରୁଷ କମିସନ ଗଠନ କରିବାକୁ ଦାବି କରି ପ୍ରାଇଭେଟ ମେମ୍ବର ବିଲ୍ ଆଗତ କରିଥିଲେ।

କେତନ ମାମଲା ଏକ ଉଦାହରଣ ଯେ ପୁରୁଷମାନେ ମଧ୍ୟ ପୀଡିତ ହୋଇପାରନ୍ତି ବୋଲି ମିତ୍ତଲ 'ଏକ୍ସ'ରେ ଏକ ପୋଷ୍ଟ କରି ଲେଖିଛନ୍ତି, ପୁରୁଷମାନେ ମଧ୍ୟ ସଂସ୍ଥାଗତ ସମର୍ଥନ, ଆଇନଗତ ସୁରକ୍ଷା ଓ ସେମାନଙ୍କ ସ୍ୱର ଯେଉଁଠି ଶୁଣା ଯାଉଥିବ ସେହିପରି ଏକ ମଞ୍ଚ ପାଇବାକୁ ଯୋଗ୍ୟ ବୋଲି ମିତ୍ତଲ ଲେଖିଛନ୍ତି। ଲିଙ୍ଗ ନିର୍ବିଶେଷରେ ନ୍ୟାୟ ସମସ୍ତଙ୍କ ପାଇଁ ସମାନ ହେବା ଉଚିତ ବୋଲି ଆମ୍ ଆଦମୀ ପାର୍ଟି ଛାଡ଼ି ବିଜେପିରେ ଯୋଗ ଦେଇଥିବା ରାଜ୍ୟସଭା ସାଂସଦ ମିତ୍ତଲ କହିଛନ୍ତି। ତେବେ ଭାରତରେ ପ୍ରାଇଭେଟ୍ ବିଲ୍ ଭୋଟିଂ ପର୍ଯ୍ୟାୟକୁ ଯିବା କଷ୍ଟକର ହୋଇଥାଏ। ସ୍ୱାଧୀନତା ପରଠାରୁ ଦେଶରେ କେବଳ ୧୪ଟି ଏପରି ବିଲ୍ ଆଇନରେ ପରିଣତ ହୋଇଛି ଓ ୧୯୭୦ ପରଠାରୁ କୌଣସି ପ୍ରାଇଭେଟ୍ ବିଲ୍ ସଂସଦର ଉଭୟ ଗୃହରେ ସଫଳତାର ସହ ପାରିତ ହୋଇନାହିଁ।

# ପେଲେ ଓ ଏମ୍ବାପ୍ପେଙ୍କୁ ପଛରେ ପକାଇଲେ ମେସି

**ନୂଆଦିଲ୍ଲୀ,୪।୭ :** ମ୍ୟାଜିକ ମ୍ୟାନ୍ ମେସି। ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ସବୁଠାରୁ ଚର୍ଚ୍ଚିତ ତାରକାମେସି। ମେସିଙ୍କ ଯାଦୁ ଏବେ ସମଗ୍ର ଫୁଟ୍‌ବଲ୍ ଜଗତକୁ ରୋମାଞ୍ଚିତ କରୁଛି । ଫୁଟ୍‌ବଲ୍ ପଡିଆର ଏହି ମାଇଲଖୁଣ୍ଟ ମ୍ୟାନ ନିଜ ଅସାଧାରଣ ପାଦ ଚାଳନା ବଳରେ ଗୋଲ୍ ପରେ ଗୋଲ ବର୍ଷା କରି ଚାଲିଛନ୍ତି। ବିଶ୍ୱକପ୍ ଆରମ୍ଭରୁ ହ୍ୟାଟ୍ରିକ୍, ପୁଣି ଏଥିରେ ସର୍ବାଧିକ ଗୋଲ୍ ଦେବାର ରେକର୍ଡ। ତା' ସହିତ ଲଗାତର ୭ ବିଶ୍ୱକପ୍ ମ୍ୟାଚ୍‌ରେ ଗୋଲ୍ । ଏସବୁ ପାଇଁ ସେ ଏବେ ମାଇଲ୍‌ଖୁଣ୍ଟ ମ୍ୟାନ୍ ଭାବେ ଉଭା ହୋଇଛନ୍ତି। ମାଳମାଳ ରେକର୍ଡ ସହ ଆର୍ଜେଣ୍ଟିନାକୁ ପୁଣି ଥରେ ବିଶ୍ୱବିଜୟୀ କରାଇବାର ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି ମେସି, ଦ ଲିଟିଲ ମାଷ୍ଟର୍। କେବଳ ଜଣେ ଖେଳାଳି ଭାବେ ନୁହେଁ, ଦକ୍ଷ ଅଧିନାୟକ ଭାବେ ମଧ୍ୟ ସେ ନିଜକୁ ମହାନତମ ଫୁଟ୍‌ବଲ୍ ତାରକାଙ୍କ ମଧ୍ୟରେ ସ୍ଥାନିତ କରି ସାରିଛନ୍ତି। ମେସିଙ୍କ ମିରାକଲ୍ ପ୍ରଥମ ଥର ପାଇଁ ତିନିଟି ଦେଶରେ ଆୟୋଜିତ ହେଉଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍-୨୦୨୬ର ମୁଖ୍ୟ ଚର୍ଚ୍ଚା ଓ ଆକର୍ଷଣର ବିଷୟ ହୋଇଛି ।

ଆର୍ଜେଣ୍ଟିନାର ରୋଜାରିଓ ସହରରର ଏକ ସାଧାରଣ ପରିବାରରୁ ଆସି ବିଶ୍ୱର ଶ୍ରେଷ୍ଠ ଫୁଟ୍‌ବଲ୍‌ର ହେବାର ଯାତ୍ରା ଭିତରେ ମେସିଙ୍କୁ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ପଡିଛି। ଛୋଟବେଳୁ ତାଙ୍କର ଫୁଟ୍‌ବଲ୍ ପ୍ରତି ଥିଲା ଅସୀମ ଭଲପାଇବା ଓ ଅହେତୁକ ଦୁର୍ବଳତା । କିନ୍ତୁ ତାଙ୍କ ଜୀବନ ଯାତ୍ରା ଆଦୌ ସହଜ ନଥିଲା। ଗ୍ରୋଥ୍ ହର୍ମୋନ୍ ସମସ୍ୟା ଯୋଗୁଁ ଅନେକ ଭାବିଥିଲେ ସେ କେବେ ବି ବଡ଼ ଫୁଟବଲର ହୋଇପାରିବେ ନାହିଁ । ତଥାପି ମେସି ହାର ମାନିନଥିଲେ। କଠିନ ପରିଶ୍ରମ, ଦୃଢ଼ ସଙ୍କଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ବଳରେ ବିଶ୍ୱର ସର୍ବଶ୍ରେଷ୍ଠ ଫୁଟବଲର୍ ପାଲଟିଥିଲେ। ତାଙ୍କ ଅତୁଳନୀୟ ଡ୍ରିବ୍‌ଲିଂ, ଚତୁର ତଥା ନିଖୁଣ ପାସ୍, ଦୂରରୁ ଗୋଲ୍ କରିବାର ଦକ୍ଷତା ଏବଂ ସଠିକ ଫ୍ରିକିକ୍ ବର୍ଷବର୍ଷ ଧରି ଫୁଟ୍‌ବଲ୍ ପ୍ରେମୀଙ୍କ ହୃଦୟ ଜିତି ଆସୁଛି। ଦୀର୍ଘ ବର୍ଷର ଅପେକ୍ଷା ପରେ ଅର୍ଥାତ୍ ୨୦୨୨ ମସିହାରେ ନିଜ ଦେଶ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ଜିତାଇ ସଫଳତାର ଶିଖରରେ ଛୁଇଁଥିଲେ ସେ । ୪ବର୍ଷ ପରେ ମେସି ପୁଣି ଥରେ ଆର୍ଜେଣ୍ଟିନାକୁ ବିଶ୍ୱବିଜୟୀ କରାଇବାର ମିସନରେ ଅଛନ୍ତି। ତାଙ୍କ ପାଇଁ ସଫଳତା କେବଳ ଟ୍ରଫି ଜିତିବା ନୁହେଁ, ବରଂ ସବୁ ପ୍ରତିବନ୍ଧକକୁ ପରାସ୍ତ କରି ସ୍ୱପ୍ନକୁ ସତ କରିବା । ମେସିଙ୍କ ସଫଳତାର



କ୍ରୀଡା କାହାଣୀ ଆମକୁ ଗୋଟିଏ ଶିକ୍ଷା ଦିଏ, ପ୍ରତିଭା ସହ ପରିଶ୍ରମ ଓ ଧୈର୍ଯ୍ୟ ଥିଲେ କୌଣସି ସ୍ୱପ୍ନ ଅସମ୍ଭବ ନୁହେଁ । ସେଥିପାଇଁ ମେସି କେବଳ ଜଣେ ଫୁଟ୍‌ବଲର୍ ନୁହନ୍ତି, ବରଂ ସଂଘର୍ଷ, ନମ୍ରତା ଓ ସଫଳତାର ଜୀବନ୍ତ ପ୍ରତୀକ। ଚଳିତ ସଂସ୍କରଣରେ ମେସି ଆର୍ଜେଣ୍ଟିନାର ଆଲଜେରିଆ ବିପକ୍ଷ ପ୍ରଥମ ମ୍ୟାଚ୍ ?ରେ ଏକାକୀ ତିନିଟି ଗୋଲ ଦେଇ ବିରଳ ହ୍ୟାଟ୍ରିକ୍‌ର ଅଧିକାରୀ ହୋଇଥିଲେ । ସେହିଭଳି ଅଷ୍ଟ୍ରିଆ ବିପକ୍ଷରେ ଦୁଇଟି ଏବଂ ଜୋର୍ଡାନ ବିପକ୍ଷରେ ଗୋଟିଏ ଗୋଲ୍ ଦେଇଥିଲେ । ଶୁକ୍ରବାର ରାତିର କେପ୍ ବର୍ଡେ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଆଉ ଗୋଟିଏ ଗୋଲ୍ ଦେଇଛନ୍ତି । ଚଳିତ ବିଶ୍ୱକପର ରାଉଣ୍ଡ ଅଫ୍ ୩୨ ସୁଦ୍ଧା ସର୍ବାଧିକ ୭ଟି ଗୋଲ୍ ଦେଇଥିବା ମେସି ବିଶ୍ୱକପ୍ ଇତିହାସରେ ମଧ୍ୟ ସର୍ବାଧିକ ୨୦ ଗୋଲ୍ ଦେବାର କୀର୍ତ୍ତିମାନ କରିଛନ୍ତି। ମେସିଙ୍କ ବିଶ୍ୱକପ୍ ଅଭିଯାନ ୨୦୦୬ ମସିହାରୁ ଆରମ୍ଭ ହୋଇଥିଲା । ଏହା ପରେ ୨୦୧୦, ୨୦୧୪, ୨୦୧୮, ୨୦୨୨ ଓ ୨୦୨୬ ସଂସ୍କରଣରେ ସେ ଆର୍ଜେଣ୍ଟିନାର ପ୍ରତିନିଧିତ୍ୱ କରି ଆସୁଛନ୍ତି । ସଂପ୍ରତି ସେ ନିଜ ଷଷ୍ଠ ବିଶ୍ୱକପ୍ ଖେଳୁଛନ୍ତି। ମୋଟ ଉପରେ ୨୯ଟି ବିଶ୍ୱକପ୍ ମ୍ୟାଚ୍ ଖେଳି ୨୦ ଗୋଲ୍ ଦେଇଛନ୍ତି । ୮ଟି ଗୋଲ୍‌ରେ ସାହାଯ୍ୟ କରିଛନ୍ତି । ବିଶ୍ୱକପ୍ ଅବସରରେ ଫୁଟ୍‌ବଲ୍ ପଡିଆରେ ରେକର୍ଡ ୨୬୩୪ ମିନିଟ୍ କଟାଇଛନ୍ତି । ଗତ ଜୁନ୍‌ରେ ୩୯ତମ ଜନ୍ମଦିବସ ପାଳିଥିବା ମେସିଙ୍କ ପ୍ରତିଭାକୁ ସ୍ପେନ୍‌ର ବାର୍ସିଲୋନା କ୍ଲବ୍ ? ଚିହ୍ନି ତାଙ୍କ ଗ୍ରୋଥ୍ ହର୍ମୋନ ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିଥିଲା ।

## ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍

# ଫାଇନାଲରେ ରୀତା ଦେଖାଇବେ କମାଲ

**ଲଣ୍ଡନ,୪।୭ :** ଗ୍ଲୋବାଲ୍ ମ୍ୟୁଜିକ୍ ତାରକା ରୀତା ଓରା ଏବଂ ମ୍ୟୁଜିକାଲ୍ ଗ୍ରୁପ୍ କ୍ଲିନ୍ ବାଣ୍ଡିଟ୍ ଚଳିତ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍ ଉତ୍ସବରେ କମାଲ ଦେଖାଇବେ। ଏହି ଫାଇନାଲରେ ଏମାନେ ଦର୍ଶକଙ୍କ ମନୋରଞ୍ଜନ କରିବେ। ସ୍ଥାନୀୟ ସମୟ ଅପରାହ୍ଣ ୨.୩୦ରେ ହେବାକୁ ଥିବା ମ୍ୟାଚ୍ ପୂର୍ବ ଉଦ୍‌ଯାପନୀ ସମାରୋହରେ ରୀତା ଷ୍ଟେଜ୍‌ରେ ପ୍ରଦର୍ଶନ କରିବେ। ମ୍ୟାଚ୍ ଶେଷ ହେବା ପରେ ନୂଆ ବିଶ୍ୱବିଜେତା ସମ୍ମୁଖରେ ଇଲେକ୍‌ଟ୍ରୋନିକ ପପ୍ ଗ୍ରୁପ କ୍ଲିନ୍ ବାଣ୍ଡିଟ୍‌ର ଷ୍ଟେଜ୍ କାର୍ଯ୍ୟକ୍ରମ ହେବ ବୋଲି ଆଇସିସି ଶୁକ୍ରବାର ସ୍ପଷ୍ଟ କରିଛି। ମ୍ୟାଚ୍ ପୂର୍ବ ଉଦ୍‌ଯାପନୀ ସମାରୋହର ମଜ୍ଜା ଉଠାଇବା ପାଇଁ ଦର୍ଶକମାନଙ୍କୁ ଅପରାହ୍ଣ ୨ଟା ସୁଦ୍ଧା ଷ୍ଟାଡିୟମ୍‌ରେ ପହଞ୍ଚି ନିଜ ନିଜ ଆସନ ଗ୍ରହଣ କରିବା ଲାଗି ଅନୁରୋଧ କରାଯାଇଛି। ଐତିହାସିକ ଲର୍ଡସରେ ରବିବାର ଆୟୋଜକ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଫାଇନାଲ୍‌ର ଟିକେଟ୍ ବିକ୍ରି ଶେଷ ହୋଇଛି।



# ଆଲଜେରିଆ ନକଆଉଟ : ଆଗେଇଲା ସ୍ୱିଜରଲାଣ୍ଡ



**ଭାନ୍‌କେଭର,୪।୭ :** ସ୍ୱିଜରଲାଣ୍ଡ ଚଳିତ ଫିଫା ବିଶ୍ୱକପ୍‌ର ରାଉଣ୍ଡ-୧୬ରେ ପ୍ରବେଶ କରିଛି। ଶୁକ୍ରବାର ସ୍ଥାନୀୟ ବିସି ପ୍ଲେସ୍‌ରେ ଖେଳାଯାଇଥିବ ରାଉଣ୍ଡ-୩୨ ମୁକାବିଲାରେ ଏହି ଦଳ ୨-୦ ଗୋଲ୍‌ରେ ଆଲଜେରିଆକୁ ପରାସ୍ତ କରି ବିଦାୟ ରାସ୍ତା ଦେଖାଇଛି। ମ୍ୟାଚ୍‌ର ଦଶମ ମିନିଟ୍‌ରେ ବ୍ରିଲ ଏମ୍ବୋଲୋଙ୍କ ଗୋଲ୍‌ରେ ସ୍ୱିଜରଲାଣ୍ଡ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ସେ ଜୋହାନ ମାଞ୍ଜାବିଙ୍କ ପାସ୍‌ରେ ଏହି ଗୋଲ୍ କରିଥିଲେ। ଏହି ଗୋଲ ବଳରେ ପ୍ରଥମାର୍ଦ୍ଧକୁ ନିଜ ନିୟନ୍ତ୍ରଣରେ ରଖିଥିଲା ସ୍ୱିଜରଲାଣ୍ଡ। ସେହିପରି ଦ୍ୱିତୀୟାର୍ଦ୍ଧ ଆରମ୍ଭର ୪୭ ସେକେଣ୍ଡରେ ସ୍ୱିଜରଲାଣ୍ଡ ଆଉ ଏକ ଗୋଲ୍ ଲଦି ୨-୦ରେ ଆଗୁଆ ହୋଇଯାଇଥିଲା। ଏହି ଗୋଲ୍‌ଟି ଡାନ୍ ଏନ୍‌ଡୋୟ (୪୬ ମିନିଟ୍) ଦେଇଥିଲେ। ଏହି ଦୁଇ ଗୋଲ୍ ପରେ ସ୍ୱିଜରଲାଣ୍ଡ ରକ୍ଷଣାତ୍ମକ ଖେଳ ଖେଳି ଆଲଜେରିଆକୁ କୌଣସି ସୁଯୋଗ ନ ଦେଇ ବିଜୟ ମୁଣ୍ଡି ମାରିଥିଲା। ବ୍ରିଲ ଏମ୍ବୋଲୋ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କଲେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ,୪।୭ :** ଭାରତୀୟ କ୍ରିକେଟର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କ ବହୁ ପ୍ରତିକ୍ଷୀତ ଡେବ୍ୟୁ ସେତେଟା ଆଖି ଦୃଶିଆ ହୋଇ ନାହିଁ। ଆଜି ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ସର୍ବକନିଷ୍ଠ ଖେଳାଳି ଭାବେ ଡେବ୍ୟୁ କରିଥିବା ସୂର୍ଯ୍ୟବଂଶୀ ମାତ୍ର ୧୪ ରନ କରିବାକୁ ସକ୍ଷମ ହୋଇଛନ୍ତି। ଜୋଫ୍ରା ଆର୍‌ଚର ଓ ଜୋଶ ଟଙ୍ଗଙ୍କ ଭଳି ବୋଲରଙ୍କୁ ଗୋଟିଏ ଲେଖାଏ ଛକା ମାରିବା ପରେ ୱିଲ ଜ୍ୟାକ୍ସଙ୍କ ବଲରେ ସେ ଆଉଟ ହୋଇ ଯାଇଛନ୍ତି। ସୂର୍ଯ୍ୟବଂଶୀ ଜ୍ୟାକ୍ସଙ୍କୁ ଛକା ମାରିବାକୁ ଯାଇ ଷ୍ଟମ୍ପିଂ ହୋଇ ଯାଇଛନ୍ତି। ସେ ୧୦ ବଲରେ ୧୪ ରନ କରି ପ୍ୟାଭିଲିନ ଫେରିଛନ୍ତି।



ସୂର୍ଯ୍ୟବଂଶୀ ଆଜି ଡେବ୍ୟୁ କରିଥିବା ବେଳେ ଟଙ୍ଗଙ୍କ ପ୍ରଥମ ୩ଟି ବଲକୁ ବୁଝି ପାରି ନଥିଲେ। ଏହାପରେ ସେ ୧ ରନ ନେଇ ଅଭିଷେକ ଶର୍ମାଙ୍କୁ ଷ୍ଟ୍ରାଇକ ଦେଇଥିଲେ। ହେଲେ ତୃତୀୟ ଓଭରର ପ୍ରଥମ ବଲରେ ସେ ଆର୍‌ଚରଙ୍କୁ ଫାଇନ ଲେଗ ଅଞ୍ଚଳରେ ଛକା ମାରି ନିଜର ବିସ୍ଫୋରକ ରୂପ ଦେଖାଇଥିଲେ।

ପରବର୍ତ୍ତୀ ଓଭରର ପ୍ରଥମ ବଲରେ ସେ ଟଙ୍ଗଙ୍କୁ ପୁଣି ଗୋଟିଏ ଛକା ମାରିଥିଲେ। ହେଲେ ୫ମ ଓଭର ବୋଲିଂ କରୁଥିବା ଜ୍ୟାକ୍ସ ମାତ୍ର ୧୪ ରନରେ ସୂର୍ଯ୍ୟବଂଶୀଙ୍କ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଛନ୍ତି। ମାତ୍ର ୧୫ ବର୍ଷ ୯୯ ଦିନ ବୟସରେ ବୈଭବ ସୂର୍ଯ୍ୟବଂଶୀ ଭାରତ ପାଇଁ ଡେବ୍ୟୁ କରି ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସେ ଭାରତ ପକ୍ଷରୁ ସବୁଠାରୁ କମ୍ ବୟସରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ନିଜ ନାମରେ କରିଛନ୍ତି। ଏହାପୂର୍ବରୁ ଏହି ରେକର୍ଡ ମହିଳା କ୍ରିକେଟର ଶେଫାଲି ବର୍ମାଙ୍କ ନାଁରେ ଥିଲା। ସେ ୨୦୧୯ରେ ୧୫ ବର୍ଷ ୨୩୯ ଦିନ ବୟସରେ ଭାରତ ପାଇଁ ଡେବ୍ୟୁ କରିଥିଲେ। ପୁରୁଷ କ୍ରିକେଟରେ ବୈଭବ ଏବେ ସଚିନଙ୍କ ରେକର୍ଡକୁ ମଧ୍ୟ ଅତିକ୍ରମ କରିଛନ୍ତି। ସଚିନ ୧୬ ବର୍ଷ ବୟସରେ ଭାରତୀୟ ଦଳରେ ପଦାର୍ପଣ କରିଥିଲେ ଓ ତିନି ଦଶକରୁ ଅଧିକ ସମୟ ଧରି ସେହି ରେକର୍ଡ ତାଙ୍କ ନାଁରେ ରହିଥିଲା। ହେଲେ ଏବେ ବୈଭବ ଏହାକୁ ଅତିକ୍ରମ କରି ଯାଇଛନ୍ତି। ଭାତୀୟ କ୍ରିକେଟରେ ପୂର୍ବରୁ ମଧ୍ୟ କିଛି ଟିନ ଏଜର୍ସ ବା କିଶୋର ଖେଳାଳିଙ୍କୁ ସୁଯୋଗ ମିଳିଥିଲା। ପାର୍ଥିବ ପଟେଲ ୨୦୦୨ରେ ଇଂଲଣ୍ଡ ଗସ୍ତ ସମୟରେ ୧୭ ବର୍ଷ ୧୫୨ ଦିନ ବୟସରେ ଟେଷ୍ଟ ଡେବ୍ୟୁ କରିଥିଲେ। ହରଭଜନ ସିଂହ ୧୭ ବର୍ଷ ୨୮୮ ଦିନ ବୟସରେ ଭାରତ ପାଇଁ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହାଛଡ଼ା ଯୁବରାଜ ସିଂହ ୧୮ ବର୍ଷ ୧୨୪ ଦିନ ବୟସରେ ଦିନିକିଆ କ୍ରିକେଟରେ ଭାରତ ପାଇଁ ପଦାର୍ପଣ କରିଥିଲେ।

# ଆର୍ଜେଣ୍ଟିନା ଆଗେଇଲା, ହୃଦୟ ଜିତିଲା କେପ୍ ବର୍ଡେ

**ମିଆମି,୪।୭ :** ମାତ୍ର ୫ ଲକ୍ଷ ୬୦ ହଜାର ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରୀୟ ଆଟଲାଣ୍ଟିକ୍ ମହାସାଗରୀୟ ଦେଶ କେପ୍ ବର୍ଡେ ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ରାଉଣ୍ଡ୍ ଅଫ୍ ୩୨ରୁ ବିଦାୟ ନେଇଛି, ହେଲେ ନିଜ ଲଢୁଆ ପ୍ରଦର୍ଶନ ବଳରେ ସମଗ୍ର କ୍ରୀଡା ଜଗତର ହୃଦୟ ଜିତି ନେଇଛି। ପ୍ରଥମ ଥର ବିଶ୍ୱକପ୍ ଖେଳୁଥିବା ଏହି ଦ୍ୱୀପ ରାଷ୍ଟ୍ର ବିଶ୍ୱବିଜେତା ଆର୍ଜେଣ୍ଟିନାକୁ କଡା ଟକ୍କର ଦେବା ଚର୍ଚ୍ଚାର ବିଷୟ ହୋଇଛି। କେପ୍ ବର୍ଡେ ଶୁକ୍ରବାର ନିର୍ଦ୍ଧାରିତ ସମୟର ସ୍ଥିତିକୁ ୧-୧ରେ ରଖି ସମସ୍ତଙ୍କୁ ଚକିତ କରି ଦେଇଥିଲା। ହେଲେ ଅତିରିକ୍ତ ସମୟର ଆତ୍ମଘାତି ଗୋଲ୍ ପାଇଁ ଦୁର୍ଭାଗ୍ୟଜନକ ଭାବେ ୩-୨ ଗୋଲ୍‌ରେ ପରାଜିତ ହୋଇ ବିଦାୟ ନେଇଥିଲା। ମ୍ୟାଜିକ୍ ? ମ୍ୟାନ୍ ଲିଓନେଲ ମେସିଙ୍କ ଶକ୍ତିଶାଳୀ ଆର୍ଜେଣ୍ଟେନୀୟ ବାହିନୀ କେପ ବର୍ଡେର ଅତି ବ?ିଆ ପ୍ରଦର୍ଶନ ପାଇଁ ଅଳ୍ପକେ ବିପର୍ଯ୍ୟୟରୁ ବର୍ତ୍ତି କଷ୍ଟେମଷ୍ଟେ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲା।

ଶୁକ୍ରବାର ବିଳମ୍ବିତ ରାତିର ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ସହଜ ବିଜୟ ହାସଲ କରିବ ବୋଲି ସମସ୍ତେ ଆଶା ରଖିଥିଲେ। କେପ୍ ବର୍ଡେ କିନ୍ତୁ ଜବରଦସ୍ତ ଟକ୍କର ଦେଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ ଦେବାରୁ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ମଧ୍ୟ ଦୁଇଟି ଯାକ ଦଳ ଆଉ ଗୋଟିଏ ଲେଖାଏଁ



ଗୋଲ୍ କରିଥିଲେ। ଶେଷରେ ୧୧୧ତମ ମିନିଟ୍ ?ରେ କେପ୍ ବର୍ଡେ ରକ୍ଷଣଭାଗ ଖେଳାଳି ଡିନେ ବୋର୍ଗେସ୍‌ଙ୍କ ଆତ୍ମଘାତୀ ଗୋଲ୍ ଆର୍ଜେଣ୍ଟିନାକୁ ୩-୨ର ରୋମାଞ୍ଚକର ବିଜୟ ଦେଇଥିଲା। ଏହି ବିଜୟ ସହ ଲିଓନେଲ୍ ମେସିଙ୍କ ଦଳ ଶେଷ ୧୬ଳଦ ମଧ୍ୟରେ ସ୍ଥାନ ସୁରକ୍ଷିତ କରି ନେଇଥିଲା। ସେଠାରେ ତା'ର ମୁକାବିଲା ଇଜିପ୍ଟ ସହ ହେବ।

ଆର୍ଜେଣ୍ଟିନା ପକ୍ଷରୁ ୨୯ତମ ମିନିଟ୍‌ରେ ଅଧିନାୟକ ଲିଓନେଲ୍ ? ମେସି ପ୍ରଥମ ଗୋଲ୍ ? କରି ନିଜ ଦଳକୁ ଅଗ୍ରଣୀ କରାଇଥିଲେ। ଲିସାଣ୍ଡ୍ରୋ ମାର୍ଟିନେଜ୍‌ଙ୍କ ଲମ୍ବା ପାସ୍‌କୁ ଚମତ୍କାର ଭାବେ ନିୟନ୍ତ୍ରଣ କରି ମେସି ବଲ୍‌କୁ ଗୋଲ୍ ପୋଷ୍ଟ ଭିତରକୁ ପଠାଇ ଦେଇଥିଲେ। ଏହା ଥିଲା ଚଳିତ ବିଶ୍ୱକପ୍ ?ରେ ତାଙ୍କର ସପ୍ତମ ଗୋଲ୍। ଦ୍ୱିତୀୟାର୍ଦ୍ଧରେ କେପ୍ ? ବର୍ଡେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୫୯ତମ ମିନିଟ୍‌ରେ ରିଆନ୍ ମେଣ୍ଡେସ୍‌ଙ୍କ ପାସ୍‌ରୁ ଡେରୋୟ ଡୁଆର୍ଟ ଗୋଲ୍ କରି ସ୍କୋରକୁ ୧-୧ କରିଥିଲେ। ଏହାପରେ ଉଭୟ ଦଳର ଅନେକ ପ୍ରୟାସ ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ଆଉ ଗୋଲ୍ ହୋଇନଥିଲା। ଅତିରିକ୍ତ ସମୟର ୯୨ତମ ମିନିଟ୍‌ରେ ଲିସାଣ୍ଡ୍ରୋ ମାର୍ଟିନେଜ୍ ଜୋରଦାର ସଟ୍ ? ମାରି ଆର୍ଜେଣ୍ଟିନାକୁ ପୁଣି ୨-୧ରେ ଆଗୁଆ କରାଇଥିଲେ। ମାତ୍ର ୧୦୩ତମ ମିନିଟ୍‌ରେ ସିଡ୍‌ନି ଲୋପେସ୍ କାବ୍ରାଲ୍‌ଙ୍କ ଦର୍ଶନୀୟ କର୍ଣ୍ଣର ସଟ୍ ବଳରେ କେପ୍ ବର୍ଡେ ସ୍ଥିତି ପୁଣି ଥରେ ସମାନ ସ୍ତରକୁ ନେଇ ଆସିଥିଲା। ମ୍ୟାଚ୍‌ର ନିର୍ଣ୍ଣାୟକ ମୁହୂର୍ତ୍ତ ୧୧୧ତମ ମିନିଟରେ ଆସିଥିଲା।

## ଶ୍ରୀଲଙ୍କାରେ ମୈଦାନକୁ ଓହ୍ଲାଇଲା ନୂଆ ଟିମ୍ ଇଣ୍ଡିଆ

# ରାହୁଲ ଦ୍ରାବିଡଙ୍କ ପୁଅ ସମେତ ୧୧ ଖେଳାଳିଙ୍କ ଡେବ୍ୟୁ

**ନୂଆଦିଲ୍ଲୀ,୪।୭ :** ଭାରତୀୟ କ୍ରିକେଟ୍ ଇତିହାସରେ ଆଜି ଏକ ସ୍ୱତନ୍ତ୍ର ଏବଂ ଐତିହାସିକ ଦିନ। ଶ୍ରୀଲଙ୍କା ଗସ୍ତରେ ଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳ ହାମ୍ବନଟୋଟା ଗ୍ରାଉଣ୍ଡରେ ପ୍ରଥମ ଅନଅଫିସିଆଲ ଦିନିକିଆ ମ୍ୟାଚ୍ ଖେଳିଛି। ଏହି ମ୍ୟାଚରେ ଏକ ଅନନ୍ୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ, ପ୍ଲେଇଂ-୧୧ରେ ସାମିଲ ସମସ୍ତ ୧୧ ଜଣ ଖେଳାଳି ଏକାଠି ଭାରତ ପାଇଁ ସେମାନଙ୍କର ୧୯ ବର୍ଷରୁ କମ୍ ଦିନିକିଆ ଡେବ୍ୟୁ କରିଛନ୍ତି। ଭାରତର ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଯୁବ ସେନା ମୈଦାନକୁ ଓହ୍ଲାଇଛି। ଏହି ନୂତନ ଦଳରେ ସବୁଠାରୁ ବଡ଼ ଏବଂ ପ୍ରସିଦ୍ଧ ନାମ ହେଉଛି ଭାରତର କିମ୍ବଦନ୍ତୀ ବ୍ୟାଟର ଏବଂ ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ସାନ ପୁଅ ଅନଭୟ ଦ୍ରାବିଡ। ଯିଏ ନୀଳ ଜର୍ସିରେ ଏକ ନୂତନ ଆରମ୍ଭ କରିଛନ୍ତି।



କ୍ରିକେଟରେ ଏକ ସମ୍ପୂର୍ଣ୍ଣ ଦଳ ଗୋଟିଏ ମ୍ୟାଚ୍‌ରେ ଡେବ୍ୟୁ କରିବା ବିରଳ। ଭାରତୀୟ ୧୯ ବର୍ଷରୁ କମ୍ ଦଳ ବର୍ତ୍ତମାନ ଶ୍ରୀଲଙ୍କା ଗସ୍ତରେ ରହିଛି। ଆଜି ପ୍ରଥମ ଦିନିକିଆ ମ୍ୟାଚ ଖେଳାଯାଇଛି। ଏହି ସିରିଜ୍‌ର ସମାପ୍ତି ପରେ, ଉଭୟ ଦେଶର ଯୁବ ଖେଳାଳିଙ୍କ ମଧ୍ୟରେ ଦୁଇଟି ଯୁବ ଟେଷ୍ଟ ମ୍ୟାଚ୍ ମଧ୍ୟ ଖେଳାଯିବ। ପ୍ରଶଂସକମାନେ ଆଶା କରୁଛନ୍ତି ଯେ, ରାହୁଲ ଦ୍ରାବିଡଙ୍କ ପରି, ତାଙ୍କ ପୁଅ ଏବଂ ଦେଶର ଏହି ଅନ୍ୟ ଯୁବ ତାରକାମାନେ ଶ୍ରୀଲଙ୍କା ମାଟିରେ ଦୃଢ଼ ପ୍ରଦର୍ଶନ ସହିତ ଭାରତକୁ ଗୌରବ ଆଣିବେ। ମ୍ୟାଚ୍ ବାବଦରେ କହିବାକୁ ପ୍ରଥମ ବ୍ୟାଟିଂ କରି ୬ ୱିକେଟ୍ ହରାଇ ୩୨୦ ରନ୍ କରିଛନ୍ତି। ସେନୁଜା ୱେକୁନାଗୋଡା ୧୧୧ ବଲରେ ୯୧ ରନର ଇନିଂସ ଖେଳିଛନ୍ତି। ସେହିପରି ଦିମନ୍ଥ ମହାବିଥାନା ୪୨ ରନ୍, କଭିଜା ଗାମାଗେ ୭୭ରନ୍ ଏବଂ ଚାମିକା ହୀନୀଟିଗାଲା ୪୬ ରନ୍ କରିଛନ୍ତି।

# ଆମେରିକା ବିଶ୍ୱକପ ଜିତିଲେ ଚନ୍ଦ୍ରକୁ ଯିବ ଫୁଟବଲ

**ୱାଶିଂଟନ,୪।୭ :** ଆମେରିକା ଫୁଟବଲ ବିଶ୍ୱକପ ଜିତିଲେ ଚନ୍ଦ୍ରକୁ ଯିବ ଫୁଟବଲ। ଏଥିପାଇଁ ନାସା ରୋମାଞ୍ଚକର ପ୍ରତିଶ୍ରୁତି ଦେଇଛି । ଚନ୍ଦ୍ରପୃଷ୍ଠରେ ନାସାର ଆଗାମୀ ବେସ ବା ଆବାସିକ



ପ୍ରକଳ୍ପର ରୂପରେଖ ଉନ୍‌ମୋଚନ ଅବସରରେ ସେ ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ କହିଛନ୍ତି ଏହା ଆମେରିକା ଦଳ ପାଇଁ ଏକ ବଡ ଚ୍ୟାଲେଞ୍ଜ ଆପଣମାନେ କେବଳ ପଡିଆରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ଚନ୍ଦ୍ରକୁ ବଲ ପଠାଇବା ଦାୟିତ୍ୱ ଆମର। ନାସାର ଏହି ଯୋଜନା ପଛରେ ମହାକାଶ ଇତାହାସର ଏକ ସ୍ମରଣୀୟ ଘଟଣା ଜଡିତ ରହିଛି। ୧୯୭୧ ରେ ଆପୋଲୋ-୧୪ ଅଭିଯାନ ସମୟରେ ଆମେରିକୀୟ ମହାକାଶଚାରୀ ଆଲାନ ସେପାର୍ଡ ଗୋପନରେ ଚନ୍ଦ୍ରପୃଷ୍ଠକୁ ଏକ ଗଲ୍ଫ ବଲ ନେଇଯାଇଥିଲେ ଏବଂ ସେଠାରେ ଗଳ୍ପ ବି ଖେଳିଥିଲେ । ନାସା ମୁଖ୍ୟ କହିଛନ୍ତି ଆମେରିକା ବିଶ୍ୱକପ ଜିତିଲେ ସେମାନେ ଚନ୍ଦ୍ରପୃଷ୍ଠକୁ ଅସଲି ଫୁଟବଲ ପଠାଇ ଆଲାନଙ୍କ ରେକର୍ଡଠାରୁ ଆଉ ପାଦେ ଆଗେଇବେ । ଆମେରିକା ବର୍ତ୍ତମାନ ପ୍ରି-କ୍ୱାର୍ଟରରେ ପହଁଚିସାରିଛି।

# ଭଉଣୀଙ୍କ ଖୁଲାସା ବିଶ୍ୱକପ ପରେ ଅବସର ନେବେ ରୋନାଲ୍‌ଡୋ

**ଲିସବନ,୪।୭ :** କ୍ରିଷ୍ଟିଆନୋ ରୋନାଲ୍‌ଡୋ ଗୁରୁବାର ଫିଫା ବିଶ୍ୱକପ ନକଆଉଟ ମ୍ୟାଚରେ ସବୁଠାରୁ ବୟସ୍କ ଖେଳାଳି ହୋଇ ଆଉ ଏକ ରେକର୍ଡ ସ୍ଥାପନ କରିଛନ୍ତି। ଗୁରୁବାର ରାଉଣ୍ଡ ଅଫ ୩୨ରେ କ୍ରୋଏସିଆକୁ ୨-୧ ଗୋଲରେ ପରାସ୍ତ କରି ପର୍ତ୍ତୁଗାଲ ପରବର୍ତ୍ତୀ ପର୍ଯ୍ୟାୟ (୧୬ ରାଉଣ୍ଡ)କୁ ଉନ୍ନୀତ ହୋଇଛି। ମ୍ୟାଚ ପୂର୍ବରୁ କାଟିଆ ଆଭେରୋ ତାଙ୍କ ଭାଇ ରୋନାଲ୍‌ଡୋଙ୍କ ଅବସର ସମ୍ପର୍କରେ ଇଙ୍ଗିତ ଦେଇ ହଇଚଇ ସୃଷ୍ଟି କରିଥିଲେ; ଖେଳ ପରେ ରୋନାଲ୍‌ଡୋ ନିଜେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ସ୍ପୋର୍ଟସ ଟିଭି ସହିତ କଥାବାର୍ତ୍ତାରେ କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କ ଭଉଣୀ କାଟିଆ ଆଭେରୋ ତାଙ୍କ ଅବସର ସମ୍ପର୍କରେ ଇଙ୍ଗିତ କରିଛନ୍ତି। ସେ କହିଛନ୍ତି, 'ମୋ ପାଖରେ ସୂତ୍ରରୁ ସୂଚନା ଅଛି ଯେ ରୋନାଲ୍‌ଡୋ ଏହି ବିଶ୍ୱକପ ପରେ ବିଦାୟ ନେଇପାରନ୍ତି। ସେ ପିଚରେ ଥିବା ସମୟରେ ତାଙ୍କୁ ଉପଭୋଗ କରନ୍ତୁ। ଏହା ଆଜି ହେବ ନାହିଁ, କିନ୍ତୁ



ଏହା ଖୁବ ଶୀଘ୍ର ହେବ। ମୁଁ ଭାବୁଛି ଏହା ଶେଷ ଥର ପାଇଁ ସେ ଖେଳୁଛନ୍ତି।'

କ୍ରିଷ୍ଟିଆନୋ ରୋନାଲ୍‌ଡୋ ୨୦୦୩ ମସିହାରେ ୧୮ ବର୍ଷ ବୟସରେ ପର୍ତ୍ତୁଗାଲ ଜାତୀୟ ଦଳ ପାଇଁ ଡେବ୍ୟୁ କରିଥିଲେ। ସେ ଛଅଟି ବିଶ୍ୱକପରେ ଅଂଶଗ୍ରହଣ କରିଥିବା କେବଳ ତିନି ଜଣ ଖେଳାଳିଙ୍କ ମଧ୍ୟରୁ ଜଣେ ଏବଂ ଛଅଟି ଭିନ୍ନ ଭିନ୍ନ ବିଶ୍ୱକପରେ ଗୋଲ କରିଥିବା ଏକମାତ୍ର ଫୁଟବଲ ଖେଳାଳି। ସେ କ୍ରୋଏସିଆ ବିପକ୍ଷ ନକଆଉଟ ମ୍ୟାଚରେ ମଧ୍ୟ ଗୋଟିଏ ଗୋଲ କରିଥିଲେ। ରୋନାଲ୍‌ଡୋଙ୍କ ବୟସ ୪୧ ବର୍ଷ ଏବଂ ଏହାକୁ ତାଙ୍କର ଶେଷ ବିଶ୍ୱକପ ବୋଲି ସାଧାରଣରେ ବିବେଚନା କରାଯାଉଛି।

ତଥାପି, କ୍ରିଷ୍ଟିଆନୋ ରୋନାଲ୍‌ଡୋ ନିଜେ ଏହି ରିପୋର୍ଟଗୁଡ଼ିକୁ ଖାରଜ କରି କହିଛନ୍ତି ଯେ ସେ ତରବରରେ ନିଷ୍ପତ୍ତି ନେବେ ନାହିଁ ଏବଂ ବର୍ତ୍ତମାନ ଏହା ବିଷୟରେ ଆଦୌ ଚିନ୍ତା କରୁନାହାଁନ୍ତି। କ୍ରୋଏସିଆ ବିପକ୍ଷ ଖେଳ ପରେ 'ପ୍ଲେୟାର ଅଫ ଦି ମ୍ୟାଚ' ପୁରସ୍କାର ପାଇବା ପରେ, ସେ କହିଥିଲେ, 'ଏହା ଏବେ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ଏହା ବିଷୟରେ ଚିନ୍ତା କରିବା ପାଇଁ ମୋ ପାଖରେ ପ୍ରଚୁର ସମୟ ରହିବ। ମୁଁ ମୋ ପରିବାର ସହିତ ପରାମର୍ଶ କରି ନିଷ୍ପତ୍ତି ନେବି।'

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ